ଧରିତ୍ରୀ
DHARITRI
September 22-28, 2019 ₹ 2/-

ଛୁଟିଦିନ



# ଇଡ୍‌ଲି ଆମ୍ମା



ଶାଢ଼ି-ପ୍ୟାଣ୍ଟ ଫ୍ୟାଶନ
୩

୪
ପ୍ରଚ୍ଛଦ ପ୍ରସଙ୍ଗ

ଦୁଇ ପଇସା ଲାଭ ପାଇବାକୁ ସମସ୍ତେ ବ୍ୟବସାୟ କରନ୍ତି। କିନ୍ତୁ କିଛି ଏମିତି ମଣିଷ ଅଛନ୍ତି ଯେଉଁମାନେ ଲାଭ ଅପେକ୍ଷା ଗରିବ, ଅସହାୟ ଲୋକଙ୍କ ପେଟର ଭୋକକୁ ଚିହ୍ନିଥାନ୍ତି। ଆଉ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସ୍ୱଳ୍ପ ଦରରେ କିମ୍ବା ମାଗଣାରେ ଇଡ୍‌ଲି, ସମ୍ବର ଆଦି ଖାଇବାକୁ ଦେଇଥାନ୍ତି। ସେମିତି କେତେଜଣ ମହିଳାଙ୍କ ସମ୍ପର୍କରେ...



୮/୯
ସିନେମା

# ଯେଉଁଠାରେ ବିନା ଟଙ୍କାରେ ମିଳେ ଜିନିଷ



ଆଜିର ଯୁଗରେ ବିନା ଟଙ୍କାରେ କୌଣସି ଜିନିଷ ମିଳେ ନାହିଁ। କିନ୍ତୁ ପୃଥିବୀରେ ରହିଛି ଏଭଳି ଏକ ସ୍ଥାନ ଯେଉଁଠାରେ ବିନା ଟଙ୍କା ଖର୍ଚ୍ଚ କରି ଆପଣ ଜିନିଷ କିଣିପାରିବେ। ଆସାମର ମୋରିଗାଓଁ ଜିଲାରେ ପ୍ରତିବର୍ଷ 'ଜୋନବିଲ' ନାମକ ଏକ ମେଳା ଲାଗେ ଯେଉଁଠାରେ ଲୋକେ ବିନା ଟଙ୍କା ଖର୍ଚ୍ଚ କରି ଜିନିଷ କିଣିବାର ସୁଯୋଗ ପାଇଥାନ୍ତି। ଆସାମର ପାହାଡିଆ ଜନଜାତି ଏବଂ ସହରାଞ୍ଚଳ ଜନଜାତି ନିଜ ନିଜ ସାମଗ୍ରୀ ବିକ୍ରୟ କରିବା ପାଇଁ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ମେଳାରେ ଟଙ୍କା ପଇସାର କାରବାର ହୋଇ ନ ଥାଏ ବରଂ ଲୋକମାନେ ଜିନିଷ ବଦଳରେ ଜିନିଷ ଦେଇ କିଣା ବିକା କରିଥାନ୍ତି। ଏଠାରେ ସାଧାରଣତଃ କୃଷିଜାତ ଦ୍ରବ୍ୟ, ମାଛ, ଘରକରଣା ଜିନିଷ ଆଦିର ଅଦଳବଦଳ ହୋଇଥାଏ। ଏହି ଅବସରରେ ମେଳା ଆରମ୍ଭରୁ ଅଧିବାସୀମାନେ ଅଗ୍ନି ପୂଜା କରିଥାନ୍ତି ଏବଂ ତା' ସହ ସାମୂହିକ ମାଛ ଧରିବା ପରମ୍ପରା ମଧ୍ୟ ଆୟୋଜିତ ହୋଇଥାଏ। ଏହି ମେଳା ଦୀର୍ଘ ୫ଶହ ବର୍ଷ ଧରି ଏଭଳି ଚାଲି ଆସୁଛି। ତେବେ ଏଠାକାର ଅଧିବାସୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ଭାବନା ସୃଷ୍ଟି କରିବା ହେଉଛି ଏହି ମେଳାର ମୁଖ୍ୟ ଲକ୍ଷ୍ୟ।



## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୨-୨୮

**ମେଷ:** ନୂତନ ଯୋଜନାରମ୍ଭ, ଅର୍ଥସମ୍ମାନ ପ୍ରାପ୍ତି, ବନ୍ଧୁଙ୍କ ସହାନୁଭୂତି, ସମସ୍ୟା ସମାଧାନ, ପାରିବାରିକ ଅସନ୍ତୋଷ, କଳା ଓ ସାହିତ୍ୟରେ ପ୍ରଶଂସା, ଆଇନ ଅଦାଲତରେ ସଫଳତା, ମିତ୍ରଲାଭ, ସନ୍ତାନବର୍ଗରେ ଉନ୍ନତି, ଭୂସମ୍ପତ୍ତି ଲାଭ, ଶୁଭଖବର ପ୍ରାପ୍ତି।

**ବୃଷ:** ଖର୍ଚ୍ଚଭାର ବୃଦ୍ଧି, ବନ୍ଧୁଙ୍କ ସାହାଯ୍ୟ, ଘରକାମରେ ଅବହେଳା, ପଦମର୍ଯ୍ୟାଦା ବୃଦ୍ଧି, ଯାନବାହନରେ ସମସ୍ୟା, ବୀମାଧନ ପ୍ରାପ୍ତି, ଗବେଷଣାରେ ଅଗ୍ରଗତି,ଆର୍ଥିକ ଉନ୍ନତି, ପାରିବାରିକ ଶାନ୍ତି।

**ମିଥୁନ:** କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, ବିଜୟ ଲାଭ। ଅର୍ଥପ୍ରାପ୍ତିରେ ବାଧା, ଗାଡ଼ି ମରାମତି, ବନ୍ଧୁ ମତାନ୍ତର, ପୁଞ୍ଜି ନିବେଶରେ ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ମାଙ୍ଗଳିକ କାମର ଯୋଜନା, ଚକ୍ଷୁରୋଗ।

**କର୍କଟ:** ଦୁଃସାହସିକ କାମ, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, ମାଲିମକଦ୍ଦମାର ଆଶଙ୍କା, ପୁରାତନ ରୋଗପୀଡ଼ା, ଦୂରଭ୍ରମଣର ସୁଯୋଗ, ଦାମୀ ଅଳଙ୍କାର କ୍ରୟ, ଜନହିତକର କର୍ମ, ଚଳଚ୍ଚିତ୍ରରୁ ସୁନାମ, ପାରିବାରିକ ସମସ୍ୟା।

**ସିଂହ:** ଜନହିତକର କର୍ମ, ଦୂରଯାତ୍ରା, ସଙ୍ଗୀତ ସାଧନାରେ ରୁଚି, ବ୍ୟବସାୟ ପରିବହନରେ ସମସ୍ୟା, ରାଜନୀତିରେ ପ୍ରତିଷ୍ଠା, କଠିନ ଶ୍ରମରୁ ଶରୀରପୀଡ଼ା, ସରକାରୀ ସାହାଯ୍ୟ ପ୍ରାପ୍ତି।

**କନ୍ୟା:** ସାମାଜିକ ସମ୍ମାନ, ଏଜେନ୍ସିପ୍ର ପ୍ରସାର ବୃଦ୍ଧି, ପ୍ରଶାସନିକ ସମସ୍ୟା, ନିର୍ମାଣରେ ବାଧା, ସଭାସମିତିକୁ ନିମନ୍ତ୍ରଣ, କଳାରୁ ସମ୍ମାନ, ପାରିବାରିକ ଶାନ୍ତି, ଆର୍ଥିକ ଉନ୍ନତି, ବିବାଦର ସମାଧାନ।

**ତୁଳା:** ପାରିବାରିକ କଳହ, ପୁରାତନ ରୋଗପୀଡ଼ା, ଯାନବାହନ ଲାଭ, ବନ୍ଧୁଙ୍କ ପ୍ରେରଣା, ମନୋରଞ୍ଜନ କାର୍ଯ୍ୟକ୍ରମରେ ରୁଚି, ସ୍ୱାସ୍ଥ୍ୟ ଠିକ୍ ରହିବ, ମିତ୍ରଙ୍କ ସାହାଯ୍ୟ, ଶିକ୍ଷାରେ ସଫଳତା, ଋଣ ପରିଶୋଧ, ବାଣିଜ୍ୟର ଅଭିବୃଦ୍ଧି।

**ବିଛା:** କର୍ମକ୍ଷେତ୍ରରେ ସମ୍ମାନ, ହିତୈଷୀ ବନ୍ଧୁଙ୍କ ସାହାଯ୍ୟ, ଘରୋଇ କଳହର ସମାଧାନ, କର୍ମଜଞ୍ଜାଳ ବୃଦ୍ଧି, ଅର୍ଥସଂକଟରୁ ଚିନ୍ତା, ବନ୍ଧୁଙ୍କ ଭୁଲ ବୁଝାମଣା, ଯାତ୍ରା ସ୍ଥଗିତ ରହିବ, ଚାକିରି ଅଫର୍ ପାଇବେ, ତୀର୍ଥାଟନର ସୁଯୋଗ।

**ଧନୁ:** ଧନସମ୍ପଦ ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ତୀର୍ଥାଟନ କରିବେ, ଗୃହ ପରିବର୍ତ୍ତନ, ପ୍ରିଣ୍ଟ ମିଡିଆରେ ଉନ୍ନତି, ଯୋଗଶିକ୍ଷାରେ ରୁଚିବୃଦ୍ଧି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ପାରିବାରିକ ଅସହଯୋଗ।

**ମକର:** ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା, ମାନସିକ ଅସ୍ଥିରତା, ଅର୍ଥ ସଂକଟର ସମାଧାନ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ଧର୍ମ ସଂକଟରେ ପଡ଼ିବେ, ଯାନବାହନରେ ତ୍ରୁଟି, ପାରିବାରିକ ସମର୍ଥନ, ଆରୋଗ୍ୟ ଲାଭ, ନୂତନ ବନ୍ଧୁ ସମ୍ପର୍କ।

**କୁମ୍ଭ:** ସ୍ୱାସ୍ଥ୍ୟହାନି, କାମ ଅଟକି ରହିବ, ପରିବାରରେ କଳହ, ଶରୀରପୀଡ଼ା, ଗୁରୁଜନଙ୍କ ପରାମର୍ଶ, ସାହିତ୍ୟାନୁରାଗୀ ହେବେ, ଆଇନ ସହାୟତା ପ୍ରାପ୍ତି, ତୀର୍ଥାଟନର ଯୋଜନା, ସମସ୍ୟାର ସମାଧାନ, ପ୍ରତିଯୋଗିତାରେ ସଫଳତା।

**ମୀନ:** ମାନସିକ ଚାପବୃଦ୍ଧି, ପାରସ୍ପରିକ ଦୋଷାରୋପ, ଭୁଲ୍ ବୁଝାମଣାରୁ କଳହ, ଆତ୍ମୀୟଙ୍କ ଉଦାରତା, ଯୌଥ ବ୍ୟବସାୟରେ ଲାଭ, ଅର୍ଥସମ୍ପଦ ଲାଭ, ପାରିବାରିକ ଶାନ୍ତି, ଋଣ ପରିଶୋଧ, ବିଦେଶ ଯାତ୍ରା।

## ସୁନିଦ୍ରା ପାଇଁ....



- ପ୍ରତ୍ୟେକ ଦିନ ଶୋଇବା ଏବଂ ଉଠିବାର ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ଦିନକୁ ଅନ୍ତତଃ ୬ ରୁ ୭ ଘଣ୍ଟା ଶୋଇବା ଜରୁରୀ।
- ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲ, ଲ୍ୟାପଟପ ଭଳି ଗ୍ୟାଜେଟକୁ ସ୍ୱିଚ୍ ଅଫ୍ କରିଦିଅନ୍ତୁ।
- ଶୋଇବା ପୂର୍ବରୁ ଉଷୁମ୍ ପାଣିରେ ଅଳ୍ପ ଲୁଣ ମିଶାଇ ସେହି ପାଣିରେ କିଛି ସମୟ ପାଦକୁ ବୁଡାଇ ରଖନ୍ତୁ ଏହା ଦ୍ୱାରା ନିଦ ଭଲ ହୋଇଥାଏ।
- ସନ୍ଧ୍ୟା ୭ଟା ପରେ ଚା କଫି ଆଦିର ସେବନ କରନ୍ତୁ ନାହିଁ। ଏହାର ପ୍ରଭାବ ନିଦ ଉପରେ ପଡିଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।
- ଖାଇ ସାରିବା ପରେ ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ। ରାତ୍ରୀ ଭୋଜନ ଏବଂ ଶୋଇବା ଭିତରେ ଅନ୍ତତଃ ଏକ ଘଣ୍ଟାର ବ୍ୟବଧାନ ରଖନ୍ତୁ।
- ଦିନ ବେଳା ବେଶି ସମୟ ଶୁଅନ୍ତୁ ନାହିଁ। ଏହାଦ୍ୱାରା ରାତିର ନିଦ ପ୍ରଭାବିତ ହୋଇଥାଏ।
- ଯଦି ଅଫିସ୍‌ରେ ନାଇଟ୍ ଶିଫ୍ଟ କରୁଛନ୍ତି ତେବେ ଦିନ ବେଳା ପର୍ଯ୍ୟାପ୍ତ ନିଦରେ ଶୁଅନ୍ତୁ।
- ସୟନ କକ୍ଷର ପରିବେଶକୁ ଶାନ୍ତ ତଥା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
- ଯୋଗାଭ୍ୟାସ ଏବଂ ଧ୍ୟାନକୁ ନିଜର ନିୟମିତ କାର୍ଯ୍ୟସାରଣୀରେ ଅବଶ୍ୟ ସାମିଲ କରନ୍ତୁ।

## ପାଠକୀୟ

ଅକ୍ଷତର ଅର୍ଥ ହେଉଛି ଯାହା ଦେହରେ କ୍ଷତ ଲାଗି ନ ଥାଏ, ଯାହା ସ୍ୱୟଂ ସମ୍ପୂର୍ଣ୍ଣ, ଯାହା ପବିତ୍ର ହୋଇ ରହିଥାଏ। ସେହି ଅକ୍ଷତକୁ କୁହାଯାଏ ଅରୁଆ ଚାଉଳ। ପୂଜା ପାର୍ବଣ ହେଉ କି ବାହାଘର ବ୍ରତଘର, ପିଣ୍ଡଦାନ ହେଉ କି ସାତ୍ତ୍ୱିକ ଭୋଜନ-ଅକ୍ଷତ ବା ଅରୁଆ ଚାଉଳ ବିନା ସବୁକିଛି ଅସମ୍ଭବ। ତେଣୁ 'ଅକ୍ଷତ' ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। 'ଅଙ୍ଗୁଳିର ଲମ୍ୱାରୁ ଜାଣନ୍ତୁ ବ୍ୟକ୍ତିତ୍ୱ' ଏବଂ 'ଅଣ୍ଡର ୱାଟର ପେଣ୍ଟିଂ' ଆଦି ପାଠ ଦୁଇଟିରୁ ଅନେକ କଥା ଜାଣିହେଲା। *-ମହେଶ କର, ରାଜନଗର, କେନ୍ଦ୍ରାପଡ଼ା*

ଏଥରର ଛୁଟିଦିନରେ 'ଅକ୍ଷତ'କୁ ନେଇ ଆପଣଙ୍କ ଉପସ୍ଥାପନା ବେଶ୍ ଜ୍ଞାନବର୍ଦ୍ଧକ ଥିଲା। ଏଥିରେ ଅରୁଆ ଚାଉଳ(ଅକ୍ଷତ)ରୁ ତିଆରି ବିଭିନ୍ନ ପିଠାପଣା ନବାନ୍ନ ଭୋଗ ସମ୍ବନ୍ଧରେ ଜାଣିହେଲା। ହେଲେ ଖରାଦିନେ ଆମେ ଯେଉଁ ଦହି ମିଶା ଅରୁଆ ପଖାଳ ଓ ବଡି ଚୂରା ଖାଉ ସେ ସମ୍ପର୍କରେ ଏହି ଆଲେଖ୍ୟରେ କିଛି ସୂଚନା ପ୍ରଦାନ କରିଥିଲେ ଆଉ ଟିକେ ଭଲ ହୋଇଥାନ୍ତା। ସେହିପରି 'ଅଭିନବ ଶୌଚାଳୟ' ପାଠଟି ଖୁବ୍ ଭଲ ଲାଗିଲା, ହେଲେ ଏହାର ଫଟୋଗୁଡ଼ିକରେ ସେମାନଙ୍କର ନାଁ ଲେଖିଥିଲେ ଜାଣିବାକୁ ଟିକେ ସୁବିଧା ହୋଇଥାନ୍ତା।

*-ଅରୁଣ ନାୟକ, ମାନସ ଜେନା, ଏରେଇଁ, ଚରମ୍ପା, ଭଦ୍ରକ-୧*

ଏଥରର ସିନେମା ପୃଷ୍ଠାରେ ସ୍ଥାନିତ 'ଶାଢ଼ି ପ୍ରିୟ ଆଲିୟା', 'ଧକ୍ ଧକ୍ ମାଧୁରୀ' ଏବଂ 'ସୈଫ୍ ରାଜି ହୋଇଥିଲେ' ଆଦି ପାଠଗୁଡ଼ିକ ଖୁବ୍ ମଜାଳିଆ ଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଆଦର୍ଶ ଶିକ୍ଷକ ତଥା ସାମାଜିକ କର୍ମୀ ଲଳିତ ନାରାୟଣ ମହାପାତ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟି ଲେଙ୍ଗ୍ଥ ଡ୍ରେସ୍' ସମ୍ପର୍କରେ ଅନେକ କିଛି ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସଙ୍ଗୀତକାର ମଦନ ମୋହନଙ୍କ ବିଷୟରେ ପଢିବାକୁ ମିଳିବାରୁ ଖୁସି ଲାଗିଲା। 'ମଣିଷ' ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। *-ସତୀଶ୍ ଜେନା, ବାଣପୁର, ଖୋର୍ଦ୍ଧା*

ମଡେଲ୍ ମିରର୍‌ରେ 'ଚନ୍ଦନ' ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ଧାର୍ମିକ ପର୍ଯ୍ୟଟନସ୍ଥଳୀ ଐହୋଲ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ଡାକ୍ତରାଣୀଙ୍କ ଟାଟୁ ନିଶା' ପାଠଟି ବି ଏକ ଅଜବ ବିଷୟ ଥିଲା। ତା'ଛଡ଼ା 'ମାଙ୍କଡ଼ଙ୍କ ପାଇଁ ବୀମା କମ୍ପାନୀ ନାକେଦମ୍' ପାଠଟି ମଧ୍ୟ ବେଶ୍ ମଜାଦାର୍ ଥିଲା।

*-ଲିପ୍‌ସା ପ୍ରଧାନ, ନହରଣା, ଜଗତ୍‌ସିଂହପୁର*

ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୁରୁଣ୍ଡିବା ମାରାଥନ୍', 'ଦୁଇଟି ଚେହେରା ଥିବା ବ୍ୟକ୍ତି', 'ଲଭ୍ ଟ୍ରେନ୍' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ସାଥୀର ଉତ୍ତରଗୁଡ଼ିକ ମଧ୍ୟ ଖୁବ୍ ହୃଦୟଛୁଆଁ ହୋଇପାରୁଛି। ତା'ଛଡ଼ା ପ୍ରତିଥରର କାର୍ଟୁନ କର୍ନର ବି ମୋତେ ହସର ଖୋରାକ ଯୋଗାଉଛି।

*-ସୁହାନୀ ମହାନ୍ତି, ଶାସ୍ତ୍ରୀ ନଗର, ଭୁବନେଶ୍ୱର*

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ ପରି
ଆଉ କିଏ ଅଛି କୁହ,
କେତେ କଥା ଜାଣି ହୁଏ
ଏହାସରି କେହି ନୁହଁ।
ରୂପରେ ଲେଖାରେ ଛୁଟିଦିନଟି ଅନନ୍ୟ
ଯେ ଥରେ ପଢିଛି ସିଏ ହୋଇଛି ଧନ୍ୟ,
ସଭିଙ୍କ ପ୍ରିୟ ପତ୍ରିକା ଅଟେ ଛୁଟିଦିନ
ରବିବାର ନ ଆସିଲେ ଝୁରୁଥାଏ ମନ।

*-ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଶାଢ଼ି ପ୍ୟାଣ୍ଟ ଫ୍ୟାଶନ



ଟ୍ରାଡିଶନାଲ୍ ଶାଢ଼ିକୁ ମଡର୍ନ ଟ୍ୱିଷ୍ଟ ଦେବାକୁ ଚାହୁଁଥିଲେ ଶାଢ଼ି ପ୍ୟାଣ୍ଟ ଲୁକ୍ ପରଫେକ୍ଟ ଅପ୍ସନ। ଶାଢ଼ିକୁ କ୍ୟାରି କରିବାର ଏହି ଟ୍ରେଣ୍ଡ ଏବେ ଜୋର୍ ଧରିଛି। ବିବାହ ହେଉ କି ପାର୍ଟି ଏହି ଲୁକ୍ ଷ୍ଟାଇଲିଶ ସହ କମ୍ଫର୍ଟେବଲ ବି ଲାଗେ ।



**ସିଲ୍କ ଶାଢ଼ି ସହ ପ୍ୟାଣ୍ଟ–** ବିବାହ ଓ ପାର୍ଟି ପାଇଁ ସୁନ୍ଦର ସଲିଡ୍ ବର୍ଡର ଥିବା ସିଲ୍କ ଶାଢିରେ ଏମ୍ବ୍ରୋଏଡାରି ବ୍ଲାଉଜ୍ ଭଲ ଲାଗିଥାଏ। ତେବେ ଏଥିରେ ମଡର୍ନ ଟଚ୍ ଦେବାକୁ ଚାହୁଁଥିଲେ ଏହି ଶାଢ଼ି ସହ ଷ୍ଟ୍ରେଟ୍ ପ୍ୟାଣ୍ଟ ଟ୍ରାଏ କରିପାରିବେ। ଯେମିତିକି ମାଜେଣ୍ଟା କଲର୍‌ର ସିଲ୍କ ଶାଢ଼ି ସହ ରୟାଲ୍ ବ୍ଲୁ କଲର୍‌ର ଜରି ୱାର୍କ ହୋଇଥିବା ବ୍ଲାଉଜ୍ ଓ ରୟାଲ୍ ବ୍ଲୁ କଲର୍‌ର ପ୍ୟାଣ୍ଟକୁ ପେୟାର୍ କଲେ ଗ୍ଲାମର୍ସ ଲୁକ୍ ପାଇପାରିବେ। ଆଉ ଆପଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ପାଲଟିଯିବେ। ଏହା ସହିତ ମ୍ୟାଚିଂ ଜୁଏଲାରି ଟ୍ରାଏ କରନ୍ତୁ। ହାଇ ହିଲ୍ସ ବି ପେୟାର କରିପାରିବେ।

**ଧୋତି ପ୍ୟାଣ୍ଟ ସହ ଶାଢ଼ି–** ଏହି ଲୁକ୍ ଯେତିକି ଷ୍ଟାଇଲିଶ୍ ସେତିକି କମ୍ଫର୍ଟେବଲ ବି। ଧୋତି ପ୍ୟାଣ୍ଟର କଲର ସହ ମ୍ୟାଚ୍ କରି ପ୍ଲେନ୍ ଶାଢ଼ି ଓ ଗର୍‌ଜିୟସ୍ ଲଟକନ୍ ଲାଗିଥିବା ମେଟାଲିକ୍ ସେକ୍ୱିନ୍ ବ୍ଲାଉଜ୍ ପିନ୍ଧନ୍ତୁ, ଏକ ଷ୍ଟାଇଲିଶ୍ ଲୁକ୍ ମିଳିବ।

**ଚୁଡିଦାର ସହ ବନାରସୀ ଶାଢ଼ି–** ଲାଇଟ୍ କଲର୍‌ର ବନାରସୀ ଶାଢ଼ି ସହ ଗୋଲ୍ଡେନ୍ କଲର ଚୁଡିଦାର ପ୍ୟାଣ୍ଟ ଭଲ ଲାଗିଥାଏ। ଅଣ୍ଟା ପାଖରେ ସରୁ ବେଲ୍ଟ ବାନ୍ଧିପାରିବେ। ଏହି ଲୁକ୍ ବେଶ୍ ଗ୍ଲାମର୍ସ ଲାଗେ। ଗୋଲ୍ଡେନ୍ କଲର୍ ହାଇ ହିଲ୍ସ ଏହି ଲୁକ୍‌କୁ ଆହୁରି ଆକର୍ଷକ କରାଏ।

**ଜିନ୍ସ ସହ ଶାଢ଼ି–** ଉତ୍ସବ ସମୟରେ ଫେଷ୍ଟିଭ୍ ଲୁକ୍ ସହ ଗର୍ଲିସ୍ ଲୁକ୍ ବଜାୟ ରଖିବାକୁ ଚାହୁଁଥିଲେ ଜର୍ଜେଟ୍ ଶାଢ଼ି ସହ ଜିନ୍ ପ୍ୟାଣ୍ଟ ଟ୍ରାଏ କରିପାରିବେ। ତା'ସହ ଅଣ୍ଟାରେ ବଡ଼ ବକଲ୍ ଥିବା ଖାକି ବେଲ୍ଟ ଓ ଲମ୍ବା ହାତ ଥିବା ବୋଟ୍ ନେକ୍ ବ୍ଲାଉଜ୍ ପିନ୍ଧିପାରିବେ। ଫଙ୍କି ବ୍ରେସ୍‌ଲେଟ୍ ଓ ଫ୍ଲାଟ୍ ଫୁଟ୍‌ୱେର ଏଥିରେ ଭଲ ମାନିଥାଏ।

**ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଶାଢ଼ି–** ଷ୍ଟ୍ରେଟ୍ ପ୍ୟାଣ୍ଟ ସହ ଶାଢ଼ି ପିନ୍ଧିଲେ ବେଶ୍ ଷ୍ଟାଇଲିଶ୍ ଲାଗେ। ଏହାସହ କ୍ରପ୍‌ଡ ବ୍ଲାଉଜ୍ କିମ୍ବା ଲମ୍ବା ଶାର୍ଟ ଷ୍ଟାଇଲ୍‌ର ବ୍ଲାଉଜ୍ ପିନ୍ଧିପାରିବେ। ହାଇହିଲ୍ସ ଏହି ଲୁକ୍‌କୁ ଗ୍ଲାମର୍ସ କରାଏ। ତା'ସହ ମ୍ୟାଚିଂ ହେଭି ଜୁଏଲାରି ଭଲ ଲାଗିଥାଏ।

**ଶାଢ଼ି ପ୍ୟାଣ୍ଟ ସହ ବେଲ୍ଟ–** ବୋଲ୍ଡ କଲର୍‌ର ପ୍ଲେନ୍ ଶାଢି ଓ ମ୍ୟାଚିଂ କଲାଭଳି ପ୍ୟାଣ୍ଟ ସହ ବଡ଼ ବୋଲ୍ଡ ସିଲ୍କ ବେଲ୍ଟ କିମ୍ବା ଏକ ଲିନ୍ ମେଟାଲିକ୍ ବେଲ୍ଟ ବ୍ୟବହାର କରନ୍ତୁ। ବେଲ୍ଟକୁ ସାମ୍ନା ଭାଗରେ ବାନ୍ଧନ୍ତୁ। ବେଲ୍ଟ କଲର୍ ସହ ମ୍ୟାଚିଂ ଜୁଏଲାରି ବ୍ୟବହାର କରନ୍ତୁ। ଶାଢି ଓ ପ୍ୟାଣ୍ଟ ପ୍ଲେନ୍ ପିନ୍ଧିଲେ ହିଁ ବେଲ୍ଟ ଲୁକ୍ ପ୍ରୋମିନେଣ୍ଟ ଲାଗିଥାଏ।

**ଫ୍ଲେୟର୍ଡ ପ୍ୟାଣ୍ଟ ସହ ଶାଢ଼ି–** ୭୦ ଦଶକର ଫ୍ଲେୟର୍ଡ ବା ବେଲ୍ ବଟମ୍ ପ୍ୟାଣ୍ଟକୁ ଶାଢ଼ି ସହ ପେୟାର୍ କଲେ ବି ଆକର୍ଷକ ଲୁକ୍ ମିଳିଥାଏ। ପ୍ଲେନ୍ ଶାଢ଼ି ସହ ମ୍ୟାଚିଂ କଲର୍‌ର ଫ୍ଲେୟର୍ଡ କିମ୍ବା ବେଲ୍ ବଟମ୍ ପ୍ୟାଣ୍ଟ ଆଉ ତା'ସହ ଷ୍ଟୋନ୍ ବା ବିଡ୍ସ ୱାର୍କ ବ୍ଲାଉଜ୍ ଆପଣଙ୍କ ଲୁକ୍‌କୁ ଗ୍ଲାମର୍ସ କରିଦେବ।

ଟିପ୍ସ–
୧. ଏକ ପରଫେକ୍ଟ ଲୁକ୍ ପାଇଁ ପ୍ଲିଟ୍‌ଗୁଡ଼ିକୁ ସୁନ୍ଦରଭାବେ କରିବା ସହ ଭଲଭାବେ ପିନ୍ ଅପ୍ କରନ୍ତୁ, ଯେମିତିକି ତାହା ଖସିବନି।
୨. ଏହି ଗେଟ୍‌ଅପ୍ ନେଉଥିବାବେଳେ କମ୍ଫର୍ଟେବଲ ହିଲ୍ସ ବ୍ୟବହାର କରନ୍ତୁ। ଯେମିତିକି ଚଲାବୁଲାରେ ଅସୁବିଧା ନ ହୁଏ।
୩. ନୂଆକରି ଶାଢ଼ି ପିନ୍ଧୁଥିଲେ ହେଭି ୱାର୍କ ହୋଇଥିବା ଓ ମୋଟା ଫ୍ୟାବ୍ରିକ୍‌ର ଶାଢ଼ି ପିନ୍ଧନ୍ତୁ ନାହିଁ।





# ଇଡ୍ଲି ଆମ୍ମା











ଆଜିର ଏହି ଦରଦାମ୍ ବୃଦ୍ଧି ସମାଜରେ ଖାଦ୍ୟ ପଦାର୍ଥଠୁ ଆରମ୍ଭ କରି ସୌଖୀନ ଜିନିଷ ପର୍ଯ୍ୟନ୍ତ ସବୁକିଛିର ମୂଲ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଦୁଇ ପଇସା ଲାଭ ପାଇବାକୁ କାହାର ବା ଇଚ୍ଛା ନୁହେଁ। ହେଲେ କିଛି ଲୋକ ଅଛନ୍ତି, ଯେଉଁମାନେ ଲାଭ ଅପେକ୍ଷା ଗରିବ, ଅସହାୟ ଲୋକଙ୍କର ପେଟର ଭୋକକୁ ଦେଖୁଛନ୍ତି। ଆଉ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସ୍ୱଳ୍ପ ଦରରେ କିମ୍ବା ମାଗଣାରେ ଖାଇବାକୁ ବି ଦେଉଛନ୍ତି। ଏଠାରେ ସେମିତି କେତେଜଣ ମହିଳାଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି, ଯେଉଁମାନେ ନିଜର ବୟସକୁ ପଛରେ ପକାଇ ଘରର ଦାୟିତ୍ୱ ନେବା ସଙ୍ଗେସଙ୍ଗେ ଜଳଖିଆ ଦୋକାନ କରି ଗ୍ରାହକଙ୍କର ଭୋକିଲା ପେଟ କଥା ମା' ଭଳି ବୁଝୁଛନ୍ତି...

## କୋଏମ୍ବାଟୁର୍‌ର ଇଡ୍‌ଲି ଆମ୍ମା କମଳାଥଲ୍

ଆଜିକାଲି ସୋସିଆଲ୍ ମିଡିଆରେ ୧ ଟଙ୍କାରେ ଇଡ୍‌ଲି ବିକୁଥିବା ଜଣେ ୮୦ ବର୍ଷର ବୃଦ୍ଧାଙ୍କ ବିଷୟରେ ବେଶ୍ ଚର୍ଚ୍ଚା ହେଉଛି। ସେ କିଏ ଜାଣନ୍ତି! ସେ ହେଉଛନ୍ତି ତାମିଲନାଡୁ, କୋଏମ୍ବାଟୁର ଅଞ୍ଚଳର କମଳାଥଲ୍। ଏ ବୟସରେ ଦେଖାଯାଏ, କିଛି ଲୋକଙ୍କର କାମ କରିବାକୁ ବଳ ପାଏନାହିଁ, ମନୋବଳ ଦୁର୍ବଳ ହୋଇଯାଏ। ହେଲେ କମଳାଥଲ୍‌ଙ୍କ କ୍ଷେତ୍ରରେ ଏସବୁର ଓଲଟା ଦେଖାଯାଏ। ଏ ବୟସରେ ବି ସେ ଏତେ ଫିଟ୍ ଯେ, ଦେଖିଲେ ତାଙ୍କୁ ଆଶ୍ଚର୍ଯ୍ୟ ଲାଗେ। କମଳାଥଲ୍ ଆଜକୁ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଇଡ୍‌ଲି-ସମ୍ବର-ଚଟଣି ତିଆରି କରି ଗ୍ରାହକଙ୍କୁ ପରଷି ଆସୁଛନ୍ତି ସେ ପୁଣି ମାତ୍ର ୧ ଟଙ୍କାରେ। ଏ ନେଇ କମଳାଥଲ୍ କୁହନ୍ତି, ତାଙ୍କ ପରିବାରର ସଦସ୍ୟମାନେ କୃଷିକାର୍ଯ୍ୟ କରି ପେଟ ପୋଷୁଥିଲେ। ସକାଳୁ ସେମାନେ କାମକୁ ଚାଲିଯିବା ପରେ କମଳାଥଲ୍ ଏକୁଟିଆ ସେମାନଙ୍କ ପାଇଁ ଖାଦ୍ୟ ରାନ୍ଧି ରଖୁଥିଲେ। ପ୍ରତିଦିନ ଏକାଏକା ଘରେ ରହିବାକୁ ତାଙ୍କୁ ଆଦୌ ଭଲ ଲାଗୁ ନ ଥିଲା। ତେଣୁ ସେ କିଛି କାର୍ଯ୍ୟ କରିବାକୁ ଚିନ୍ତା କରି ଇଡ୍‌ଲି-ସମ୍ବର ବ୍ୟବସାୟ ଆରମ୍ଭ କଲେ। ଯେହେତୁ ତାଙ୍କ ଅଞ୍ଚଳରେ ଅଧିକାଂଶ ଦିନମଜୁରିଆ ତଥା କୃଷକ ଶ୍ରେଣୀୟ ଲୋକ ରହୁଥିଲେ, ତେଣୁ ସକାଳୁ ସକାଳୁ ସେମାନଙ୍କୁ କିପରି କମ୍ ଟଙ୍କାରେ ପେଟ ଭରି ଖାଇବାକୁ ଦେବେ, ସେହି ଲକ୍ଷ୍ୟରେ କମଳାଥଲ୍ ଏହି ଇଡ୍‌ଲି ମୂଲ୍ୟ ଖୁବ୍ କମ୍ ରଖିଥିଲେ। ପୂର୍ବେ ସେ ଏହି ଇଡ୍‌ଲିର ଦାମ୍ ମାତ୍ର ୫୦ ପଇସା ରଖିଥିଲେ। ମାତ୍ର ୫୦ ପଇସାରେ ଇଡ୍‌ଲି-ସମ୍ବର-ଚଟଣି ଖାଇବାକୁ କ୍ରମେ ତାଙ୍କ ଦୋକାନରେ ଗ୍ରାହକଙ୍କର ବେଶ୍ ଭିଡ଼ ଲାଗିଲା। ସମ୍ପୂର୍ଣ୍ଣ ଘରୋଇ ତଥା ସୁସ୍ୱାଦୁ ଲାଗୁଥିଲା କମଳାଥଲ୍‌ଙ୍କ ହାତି ତିଆରି ଏହି ଜଳଖିଆ। ଯା' ଭିତରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଗଲାଣି। ବୟସର ଅପରାହ୍ନରେ ଆସି ସେ ପହଞ୍ଚିଲେଣି। ତଥାପି ଥକି ଯାଇ ନାହାନ୍ତି କି ଏହି ବ୍ୟବସାୟକୁ ବନ୍ଦ କରି ନାହାନ୍ତି। ଏବେ ବି ଘୋରଣାରେ ପ୍ରତିଦିନ କିଲେ କିଲେ ଓଜନର ବିରି ଚାଉଳ ବାଟି ସେ ଇଡ୍‌ଲି ତିଆରି କରୁଛନ୍ତି। ସେମିତି ଚଟଣି ଓ ସମ୍ବର ପାଇଁ ନଡ଼ିଆ ଏବଂ ମସଲାକୁ ସେ ପଥର ଶିଳରେ ବାଟିଥାନ୍ତି। ସକାଳ ୬ଟା ବାଜିଲା ବେଳକୁ ଗ୍ରାହକଙ୍କ ପାଇଁ ତାଙ୍କ ଦୋକାନ ଖୋଲିଯାଏ। ପ୍ରତିଦିନ ଶହ ଶହ ସଂଖ୍ୟାରେ ଗ୍ରାହକ ଆସି ତାଙ୍କ ହାତରୁ ଇଡ୍‌ଲି-ସମ୍ବର-ଚଟଣି ଖାଇଥାନ୍ତି। ମା' ଯେମିତି ସ୍ନେହରେ ପିଲାମାନଙ୍କୁ ଖାଇବାକୁ ବାଢିଥାଏ, ଠିକ୍ ସେମିତି କମଳାଥଲ୍ ପ୍ରତି ଗ୍ରାହକଙ୍କୁ ଖୁସି ମନରେ ଖାଇବାକୁ ଦେଇଥାନ୍ତି। ସେଥିପାଇଁ କେହି କେହି ତାଙ୍କୁ ସ୍ନେହରେ 'ଇଡ୍‌ଲି ଆମ୍ମା'ତ ଆଉ କେହି କେହି 'ଇଡ୍‌ଲି ପାଟି ମା''ବୋଲି କହିଥାନ୍ତି। ତେବେ ଅନେକ ବର୍ଷ ପର୍ଯ୍ୟନ୍ତ ଗ୍ରାହକଙ୍କୁ ମାତ୍ର ୫୦ ପଇସାରେ ଇଡ୍‌ଲି ଯୋଗାଇବା ପରେ ଦରଦାମ୍ ବୃଦ୍ଧି ଯୋଗୁ ଗତ ୧୦ ବର୍ଷ ହେବ କମଳାଥଲ୍ ମାତ୍ର ୧ ଟଙ୍କାରେ ଏହି ଇଡ୍‌ଲି ବିକି ଆସୁଛନ୍ତି। ତେବେ ବି ଆଜିର ସମୟରେ ଏହା ଖୁବ୍ ଶସ୍ତା ରହୁଛି। ତା'ଛଡ଼ା ଏ ବୟସରେ ଏତେ କାମ କରିବାକୁ କମଳାଥଲ୍‌ଙ୍କ ଘରଲୋକେ ବି ତାଙ୍କୁ ବାରଣ କରୁଛନ୍ତି। ହେଲେ ସେ କିନ୍ତୁ କାହାରି କଥା ଶୁଣୁ ନାହାନ୍ତି। କାରଣ ତାଙ୍କ ପାଇଁ ଏହା ଏକ ମହାନ୍ କାମ ପାଲଟି ଯାଇଛି। ଆଜିର ଦରଦାମ୍ ବୃଦ୍ଧି ସମୟରେ ଗରିବ, ଦିନମଜୁରିଆ ଲୋକଙ୍କୁ ସ୍ୱଳ୍ପ ଦରରେ ପେଟ ଭରି ଖାଇବାକୁ ଦେଇ ଯେଉଁ ଆତ୍ମଶାନ୍ତି ପାଉଛନ୍ତି, ତାହାକୁ ସେ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ତା'ଛଡ଼ା ଏସବୁ କାର୍ଯ୍ୟ ହିଁ ତାଙ୍କୁ ଆଜି ପର୍ଯ୍ୟନ୍ତ ଫିଟ୍ ରଖିପାରିଛି। ତେଣୁ ସେ ଯେତେଦିନ ଯାଏ କାର୍ଯ୍ୟକ୍ଷମ ଥିବେ, ସେତେଦିନ ଯାଏ ଏ ବ୍ୟବସାୟ ତାଙ୍କର ସେମିତି ଚାଲୁଥିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥାନ୍ତି କମଳାଥଲ।



**ଦୁଇ ପଇସା ଲାଭ ପାଇବାକୁ ସମସ୍ତେ ବ୍ୟବସାୟ କରନ୍ତି। କିନ୍ତୁ କିଛି ଏମିତି ମଣିଷ ଅଛନ୍ତି ଯେଉଁମାନେ ଲାଭ ଅପେକ୍ଷା ଗରିବ, ଅସହାୟ ଲୋକଙ୍କ ପେଟର ଭୋକକୁ ଚିହ୍ନିଥାନ୍ତି। ଆଉ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସ୍ୱଳ୍ପ ଦରରେ କିମ୍ବା ମାଗଣାରେ ଇଡ୍‌ଲି, ସମ୍ବର ଆଦି ଖାଇବାକୁ ଦେଇଥାନ୍ତି। ସେମିତି କେତେଜଣ ମହିଳାଙ୍କ ସମ୍ପର୍କରେ...**

## ରାମେଶ୍ୱରମ୍‌ର ଇଡ୍‌ଲି ଆମ୍ମା ରାନୀ

ତାମିଲନାଡୁର କୋଏମ୍ବାଟୁରରେ ୧ଟଙ୍କାରେ ଇଡ୍‌ଲି ବିକ୍ରି କରୁଥିବା କମଳାଥଲ୍‌ଙ୍କ ପରି ତାମିଲନାଡୁର ରାମେଶ୍ୱରମ୍‌ସ୍ଥିତ ଅଗ୍ନିତୀର୍ଥମ୍‌ଠାରେ ରାନୀ ନାମ୍ନୀ ଜଣେ ୭୦ ବର୍ଷୀୟା ବୃଦ୍ଧା ବି ମାଗଣାରେ ଇଡ୍‌ଲି ଦେବା କଥା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ରାମେଶ୍ୱରମ୍‌ଠାରୁ ମାତ୍ର ଅଳ୍ପ କିଛି ଦୂରତାରେ ଥିବା ଫୁଟ୍‌ପାଥ୍‌ରେ ରହିଛି ରାନୀଙ୍କର ଏକ ଛୋଟ ଇଡ୍‌ଲି ଷ୍ଟଲ୍। ରାନୀଙ୍କ ମତାନୁଯାୟୀ, ସେ ଇଡ୍‌ଲି-ସମ୍ବରର ଏକ ଥାଳି ପିଛା ୩୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ପଇସା ପାଇଁ କୌଣସି ଗ୍ରାହକଙ୍କୁ ସେ ଜୋର୍ କରନ୍ତି ନାହିଁ। ଯେଉଁ ଗ୍ରାହକଙ୍କ ପାଖେ ପଇସା ଥାଏ, ସେମାନେ ତାଙ୍କୁ ଉପଯୁକ୍ତ ମୂଲ୍ୟ ଦେଇ ଇଡ୍‌ଲି ଖାଇଥାନ୍ତି। ଆଉ ଯେଉଁ ଗ୍ରାହକଙ୍କ ପାଖେ ଅଳ୍ପ ପଇସା ଥାଏ, ସେମାନେ ଯାହା ଖୁସିରେ ଦିଅନ୍ତି ରାନୀ ତାକୁ ସାଦରେ ଗ୍ରହଣ କରିଥାନ୍ତି। ଆଉ ଯଦି କୌଣସି ଗରିବ ଗ୍ରାହକଙ୍କ ପାଖେ ଆଦୌ କିଛି ପଇସା ନ ଥାଏ, ରାନୀ ତାଙ୍କୁ ମାଗଣାରେ ମଧ୍ୟ ଇଡ୍‌ଲି-ସମ୍ବର ଖାଇବାକୁ ଦେଇଥାନ୍ତି। ଏପରିକି ଦୁଃଖୀ ରଙ୍କି ଯଦି ଆସି ତାଙ୍କୁ ଖାଇବାକୁ ମାଗନ୍ତି, ସେ ତାଙ୍କୁ ବି ଖାଦ୍ୟ ଦିଅନ୍ତି। ଏମିତି କରିବାରେ ତାଙ୍କୁ ଖୁସି ମିଳେ। ଆଜିର ଦୁନିଆରେ ଯେଉଁଠି ଟଙ୍କା ପଇସା ଲୋକଙ୍କ ପାଇଁ ଅନେକ କିଛି ମହତ୍ତ୍ୱ ରଖିଥାଏ, ସେଠି ରାନୀଙ୍କ କ୍ଷେତ୍ରରେ କିନ୍ତୁ କିଛିଟା ବ୍ୟତିକ୍ରମ ଦେଖିବାକୁ ମିଳେ। ଗରିବ, ନିଃସହାୟ ଲୋକଙ୍କୁ ପେଟ ଭରି ଖାଇବାକୁ ଦେଲେ ଯେଉଁ ଆନନ୍ଦ ଓ ଶାନ୍ତି ମିଳେ, ତାହା କ'ଣ ଟଙ୍କା ପଇସାକୁ ନେଇ ହିସାବ କିତାବ କଲେ ମିଳିପାରିବ ବୋଲି ମତ ଦିଅନ୍ତି ରାନୀ। ତେଣୁ ବ୍ୟବସାୟରେ ଲାଭ କ୍ଷତିକୁ ହିସାବ କରୁ ନ ଥିବା ରାମେଶ୍ୱରମ୍‌ର ଇଡ୍‌ଲି ଆମ୍ମା ରାନୀ ସତରେ ଏ ସମାଜ ପାଇଁ ଜଣେ ନିଆରା ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

## ନାଗପୁରର ଦୋସା ଓ ଇଡ୍‌ଲି ଆମ୍ମା ଶାରଦା

ନାଗପୁରର ଶାରଦା ଚୌରାଗଡ଼େ। ବାହାଘର ପରେ ତାଙ୍କୁ ତାଙ୍କ ଶାଶୁଘର ଲୋକେ ଖୁବ୍ ହଇରାଣ କରୁଥିଲେ। ଏପରି କି ସ୍ୱାମୀ ମଧ୍ୟ ତାଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଥିଲେ। ବହୁ କଷ୍ଟରେ ତାଙ୍କର ଜୀବନ ଅତିବାହିତ ହେଉଥିଲା। ଏକଥା ଶାରଦାଙ୍କ ବାପଘର ଲୋକେ ଜାଣିବା ପରେ ତାଙ୍କୁ ସେଠାରୁ ନେଇଆସିଲେ। ସେତେବେଳକୁ ଶାରଦା ୭ମାସର ଗର୍ଭବତୀ । କିଛିଦିନ ପରେ ତାଙ୍କର ପୁଅଟିଏ ଜନ୍ମ ହେଲା। ବାପଘର ଲୋକଙ୍କ →







ଉପରେ ଆଉ ବୋଝ ହୋଇ ରହିବାକୁ ନ ଚାହିଁ ସେ କିଛି ରୋଜଗାର କରିବା ପାଇଁ ଅଣ୍ଟା ଭିଡ଼ିଲେ। ପ୍ରଥମେ ପ୍ରଥମେ ଶାରଦା କ୍ଷୀର ଓ ପରିବା ବିକିବାକୁ ଲାଗିଲେ। ହେଲେ ଏହା ତାଙ୍କୁ ଶାନ୍ତି ଦେଲାନାହିଁ। ତେଣୁ ୨୦୦୪ ମସିହାରେ ସ୍ଥାନୀୟ ଏକ ସ୍କୁଲ୍ ନିକଟରେ ସେ ଗୋଟିଏ ଛୋଟ ଦୋସା ଓ ଇଡ୍‌ଲି ଷ୍ଟଲ୍ ଖୋଲି ମାତ୍ର ୧୦ ଟଙ୍କାରେ ସ୍କୁଲ୍ ପିଲାଙ୍କୁ ପେଟପୂରା ଖାଇବାକୁ ଦେଲେ। ଶାରଦା ମାତ୍ର ୧୦ ଟଙ୍କାରେ ସେମାନଙ୍କୁ ୪ଟି ଛୋଟ ସାଇଜ୍ ଦୋସା କିମ୍ବା ୪ଟି ଇଡ୍‌ଲି ସହ ସମ୍ବର ଓ ଚଟଣି ଖାଇବାକୁ ଦେଉଥିଲେ। ଏତେ ଶସ୍ତାରେ ପେଟପୂରା ଖାଦ୍ୟ ଖାଇ ପିଲାମାନଙ୍କ ମୁହଁରେ ଫୁଟି ଉଠୁଥିବା ହସକୁ ଦେଖି ସେ ନିଜର ଦୁଃଖ ଭୁଲି ଯାଉଥିଲେ। ଏହି ବ୍ୟବସାୟରୁ କେତେ ଲାଭ ହେଉଛି କେତେ କ୍ଷତି ହେଉଛି ତାହା ସେ ଦେଖୁ ନ ଥିଲେ ବରଂ ପିଲାମାନଙ୍କର ଭୋକିଲା ପେଟକୁ ଦେଖୁଥିଲେ। ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ସେ ସେହି ୧୦ ଟଙ୍କାରେ ସ୍କୁଲ୍ ପିଲାଙ୍କୁ ଦୋସା ଓ ଇଡ୍‌ଲି ଯୋଗାଇ ଆସୁଛନ୍ତି। ଖାସ୍ କଥା ହେଉଛି ଶାରଦାଙ୍କର ଏହି ଷ୍ଟଲ୍‌କୁ କେବଳ ସ୍କୁଲ୍ ପିଲା ଆସନ୍ତି ତାହା ନୁହେଁ ସାଧାରଣ ଲୋକ ବି ଆସି ସେହି ଦାମ୍‌ରେ ଦୋସା ଓ ଇଡ୍‌ଲି ଖାଇଥାନ୍ତି। ହେଲେ ଶାରଦା ସ୍କୁଲ୍ ପିଲାଙ୍କ ସ୍ନେହରେ ଏମିତି ବାନ୍ଧି ହୋଇ ଯାଇଛନ୍ତି ଯେ, ସ୍କୁଲ୍ ଛୁଟିଦିନଗୁଡ଼ିକରେ ସେ ତାଙ୍କର ଏହି ଷ୍ଟଲ୍ ଖୋଲନ୍ତି ନାହିଁ। ଏପରି କି ମାସ ମାସ ଧରି ହେଉଥିବା ଖରାଦିନ ସ୍କୁଲ୍ ଛୁଟିରେ ବି ସେ ତାଙ୍କର ଏ ଷ୍ଟଲ୍‌କୁ ବନ୍ଦ ରଖିଥାନ୍ତି। ଆଉ ଅନ୍ୟ କିଛି କାମ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ପୁଣି ସ୍କୁଲ୍ ଖୋଲିଲେ ଷ୍ଟଲ ଖୋଲିବାକୁ ସେ ଚାଲି ଆସନ୍ତି। ଏବେ ଶାରଦାଙ୍କୁ ବୟସ ଆସି ୬୧ ବର୍ଷ ହେଲାଣି, ତଥାପି ସେ ଥକି ଯାଇ ନାହାନ୍ତି କି ହାରିନାହାନ୍ତି। ବରଂ ସବୁ ଦୁଃଖକଷ୍ଟକୁ ସହି କୁନି କୁନି ପିଲାମାନଙ୍କର ଭୋକିଲା ପେଟକୁ ଶସ୍ତାରେ ଖାଦ୍ୟ ଯୋଗାଉଥିବାରୁ ପିଲାମାନେ ତାଙ୍କୁ ଦୋସା ଓ ଇଡ୍‌ଲି ଆମ୍ମାର ଏକ ଭିନ୍ନ ପରିଚୟ ଦେଇଛନ୍ତି।

## ଚେନ୍ନାଇର ଇଡ୍‌ଲି ପାଟି ମା’ସେଲଭଗାନି

ଚେନ୍ନାଇରେ ମଧ ୮୦ ବର୍ଷର ଜଣେ ବୃଦ୍ଧାଙ୍କୁ ସ୍ଥାନୀୟ ଲୋକେ ସ୍ନେହରେ ‘ଇଡ୍‌ଲି ପାଟି ମା’ ବା ଇଡ୍‌ଲି ଗ୍ରାଣ୍ଡ ମା’ବୋଲି ସମ୍ବୋଧନ କରିଥାନ୍ତି। କାରଣ ଆଜକୁ ପ୍ରାୟ ୧୯ ବର୍ଷ ହେବ ସେ ସ୍ଥାନୀୟ ଅଞ୍ଚଳରେ ଇଡ୍‌ଲି ବ୍ୟବସାୟ କରି ଆସୁଛନ୍ତି। କେବଳ ଇଡ୍‌ଲି ନୁହେଁ ତାଙ୍କ ଦୋକାନରେ ଦୋସା, ପୁରି, ଚପାଡି ବି ବିକ୍ରି ହୋଇଥାଏ। ଏହି ବୃଦ୍ଧା ଜଣଙ୍କ ନାଁ ହେଉଛି ସେଲ୍‌ଭଗାନି। ନିଜର ବୋଲି କହିଲେ ତାଙ୍କର କେବଳ ଗୋଟିଏ ଝିଅ ହିଁ ଥିଲା। ଝିଅକୁ ବାହା ଦେଇ ହସଖୁସିରେ ତାଙ୍କର ଜୀବନ ବିତୁଥିଲା। ସ୍ୱାମୀଙ୍କର ଗୋଟିଏ ମିଠା ଦୋକାନ ଥିଲା। ସେଇଥିରେ ତାଙ୍କର ପରିବାର ଚଳୁଥିଲା। ହେଲେ ହଠାତ୍ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଗଲା। ସେତେବେଳକୁ ତାଙ୍କ ଝିଅର ଛୁଆପିଲା ବି ହୋଇ ସାରିଥାଏ। ଛୋଟ ଛୁଆକୁ ଛାଡି ତାଙ୍କ ଝିଅ କେଉଁଠି ଯାଇ କାମ କରିବ ଏକଥା ସେଲ୍‌ଭଗାନିଙ୍କର ଆଦୌ ପସନ୍ଦ ନ ଥିଲା। ତେଣୁ ସେ ଝିଅର ପରିବାର କଥା ବୁଝିବା ପାଇଁ ଘରୁ ଗୋଡ଼ କାଢିଲେ ଆଉ ସ୍ଥାନୀୟ ବଜାରରେ ଏକ ଜଳଖିଆ ଦୋକାନ ଖୋଲିଲେ। ଇଡ୍‌ଲି-ସମ୍ବର-ଚଟଣିରୁ ଆରମ୍ଭ ହୋଇଥିଲା ତାଙ୍କର ବ୍ୟବସାୟ। ଧୀରେ ଧୀରେ ତାଙ୍କ ହାତ ତିଆରି ଖାଦ୍ୟ ଗ୍ରାହକଙ୍କୁ ପସନ୍ଦ ଆସିବାରୁ ତାଙ୍କର ଭଲ ବେପାର ହେଲା। କ୍ରମେ ସିଏ ଇଡ୍‌ଲି ସହିତ ଦୋସା, ପୁରି, ଚପାଡି ଇତ୍ୟାଦି ତିଆରି କରି ବିକିବାକୁ ଲାଗିଲେ, ସେ ପୁଣି ବେଶ୍ ସୁଲଭ ଦରରେ। ଏପରି କି ଯଦି କୌଣସି ଗରିବ ଲୋକ ତାଙ୍କ ଦୋକାନକୁ ଆସନ୍ତି, ତା’ହେଲେ ସେ ତାଙ୍କୁ ମାଗଣାରେ ଖାଇବାକୁ ଦେଇଥାନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେଲ୍‌ଭଗାନି ତାଙ୍କର ଏହି ଦୋକାନ କାମରେ ଲାଗିଥାନ୍ତି। ତଥାପି ଥକି ପଡନ୍ତିନି। ସେ କୁହନ୍ତି, ଏ କାମ ହିଁ ତାଙ୍କୁ ଏ ବୟସରେ ଏମିତି ଫିଟ୍ ଆଉ ହେଲ୍‌ଦି ରହିବା ପାଇଁ ସାହାଯ୍ୟ କରୁଛି। ଯଦି ଅକସ୍ମାତ୍ କେବେ କେମିତି ତାଙ୍କର ଦୋକାନ ବନ୍ଦ ରୁହେ, ତା’ହେଲେ ସେଦିନ ତାଙ୍କୁ ଆଦୌ ଭଲ ଲାଗେନି। ବରଂ ଦେହହାତ ତାଙ୍କର ଘୋଳାବିନ୍ଧା ହୁଏ। ସେଥିପାଇଁ ସେ ସକ୍ଷମ ଥିବା ପର୍ଯ୍ୟନ୍ତ ଏ ଦୋକାନକୁ ସେମିତି ଚଳାଉଥିବେ ବୋଲି କହିଥାନ୍ତି। ଏପରିକି ସେ ନିଜ ପିଲାଙ୍କୁ ବି ସେଇ ଗୋଟିଏ କଥା କୁହନ୍ତି, ଅଳସୁଆ ନ ହୋଇ କାମଦାମ କଲେ ଦେହ ସୁସ୍ଥ ରହିବା ସହିତ ମନ ପ୍ରଫୁଲ୍ଲ ରହିଥାଏ।



କମଲାଥଲ୍



ଶାରଦା

## ଝାଡ଼ଖଣ୍ଡର ଇଡ୍‌ଲି ମା’ ସୁଶାନ୍ତି

ଶୁଣାଯାଏ, ଝାଡ଼ଖଣ୍ଡର ଖୁଣ୍ଟି ଜିଲାରେ ସୁଶାନ୍ତି ପୂର୍ତ୍ତି ନାମ୍ନୀ ଜଣେ ମହିଳା ଅଛନ୍ତି। ତାଙ୍କୁ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ। ଏ ବୟସରେ ବି ପରିବାରର ସମସ୍ତ ଦାୟିତ୍ୱ ତାଙ୍କ କାନ୍ଧ ଉପରେ ରହିଛି। ଘର ଚଳାଇବା ପାଇଁ ଆଜକୁ ପ୍ରାୟ ୮/୯ ବର୍ଷ ହେବ ସେ ନିଜ ଘର ପାଖରେ ଏକ ଇଡ୍‌ଲି ଷ୍ଟଲ୍ ଖୋଲିଛନ୍ତି। ଯେଉଁଠାରେ ସେ ଇଡ୍‌ଲି-ସମ୍ବର-ଚଟଣି, ମାଲ୍‌ପୁଆ, ଗୁଲୁଗୁଲା ତଥା ଅନ୍ୟାନ୍ୟ ଛଣାଛଣି ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ଖାସ୍ କଥା ହେଉଛି, ଆଜିକାଲି ଗୋଟିଏ ଚା’କପ୍‌ର ମୂଲ୍ୟ କେଉଁଠି ୫ଟଙ୍କା ତ କେଉଁଠି ୧୦ ଟଙ୍କାରେ ବିକ୍ରି କରାଯାଉଥିବାବେଳେ ସୁଶାନ୍ତି ଖୁବ୍ କମ୍ ଟଙ୍କାରେ ଏହି ଜଳଖିଆ ସବୁକୁ ଗ୍ରାହକଙ୍କୁ ବିକ୍ରି କରିଥାନ୍ତି। ବିଶେଷକରି ଇଡ୍‌ଲି-ସମ୍ବର-ଚଟଣିକୁ ସେ ମାତ୍ର ୧ ଟଙ୍କା ମୂଲ୍ୟରେ ବିକିଥାନ୍ତି। ଆବଶ୍ୟକସ୍ଥଳେ ଯଦି କୌଣସି ଗରିବ କିମ୍ବା ଅସହାୟ ବ୍ୟକ୍ତି ତାଙ୍କ ଦୋକାନକୁ ଆସନ୍ତି, ତା’ହେଲେ ସୁଶାନ୍ତି ତାଙ୍କୁ ମାଗଣାରେ ଖାଇବାକୁ ମଧ ଦେଇଥାନ୍ତି। ଏପରିକି ଛୋଟ ଛୋଟ ସ୍କୁଲ୍ ପିଲାଙ୍କୁ ଦେଖିଲେ ସେମାନଙ୍କୁ ସ୍ନେହରେ ଖାଇବାକୁ ଦେବାକୁ ତାଙ୍କୁ ଭଲ ଲାଗେ। ସେଥିପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଇଡ୍‌ଲି ମା’ ଭାବେ ପରିଚିତ। ଏହିପରି ଭାବେ ଜଳଖିଆ ବିକି ଦିନକୁ ମାତ୍ର ୫୦/୬୦ ଟଙ୍କା ତାଙ୍କର ରୋଜଗାର ହୋଇଯାଏ। ତଥାପି ତାଙ୍କ ମନରେ କିଛି ବି ଅବସୋସ ନ ଥାଏ। ସୁଶାନ୍ତିଙ୍କ ମତରେ, ଛୋଟଛୁଆ ତଥା ଅସହାୟ ଲୋକଙ୍କୁ ଖାଇବାକୁ ଦେବାରେ ଯେଉଁ ଶାନ୍ତି ମିଳେ ତାହା ଅନ୍ୟ କେଉଁଥିରେ ମିଳେ ନାହିଁ। ଭଗବାନ ଯଦି ତାଙ୍କୁ ଏହି ସୁଯୋଗ ଦେଇଛନ୍ତି, ତା’ହେଲେ ସେ କାହିଁକି ତାକୁ ହାତଛଡ଼ା କରିବେ। ତା’ଛଡ଼ା ତାଙ୍କ ସ୍ୱାମୀ ଚାର୍‌ପାଇ ତିଆରି କରି କିଛି ପଇସା ରୋଜଗାର କରନ୍ତି। ତା’ସହିତ ଜଳଖିଆ ଦୋକାନରୁ ଯେତିକି ବି ଆୟ ହୁଏ ସେଥିରେ ପରିବାରର ଗୁଜୁରାଣ ମେଣ୍ଟିଯାଏ। ତେଣୁ ସେ ଆଉ କାହିଁକି ବେଶି ଲୋଭ କରିବେ। ବରଂ ଛୋଟମୋଟ ସେବା କରି କିଛିଟା ପୁଣ୍ୟ ଅର୍ଜିଲେ କ୍ଷତି କ’ଣ। ସୁଶାନ୍ତିଙ୍କର ଏହି ଚିନ୍ତାଧାରା ଆଜିର ସମାଜକୁ ଅନେକ କିଛି ଶିକ୍ଷା ଦେଇଥାଏ।

ସତରେ, ଏଠାରେ ଯେଉଁ ମହିଳାମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଗଲା, ସେମାନେ ଆଜିର ଏ ସମାଜ ପାଇଁ ଜଣେ ଜଣେ ଉଦାହରଣ। ପରିବାରର ଦାୟିତ୍ୱ ବୁଝିବା ସହ ଗରିବ ଓ ଅସହାୟ ଲୋକଙ୍କର ପେଟକଥା ବୁଝିବାକୁ ଯାଇ ସେମାନେ ନିଜର ବୟସକୁ ବି ଖାତିର କରୁନାହାନ୍ତି। ଆଉ ସେମାନଙ୍କର ଏହି ଦୃଢ଼ ମନୋବଳକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି।

-ଅନ୍ୱିତା



ରାନୀ




ସେଲଭଗାନି



ସୁଶାନ୍ତି



# ଜୋୟେସ କାରୋଲ୍




ପୂରାନାମ ଜୋୟେସ୍ କାରୋଲ୍ ଓଏଟସ୍। ତେବେ ସେ ଜୋୟେସ୍ କାରୋଲ୍ ଭାବରେ ହିଁ ବେଶି ପରିଚିତ। ମୂଳତଃ ଜଣେ ଆମେରିକୀୟ ଲେଖିକା ହୋଇଥିଲେ ମଧ୍ୟ ସାମ୍ପ୍ରତିକ ବିଶ୍ୱ ସାହିତ୍ୟରେ ତାଙ୍କର ଗୁରୁତ୍ୱକୁ ଅଣଦେଖା କରିହୁଏନାହିଁ। କାରୋଲ୍‌ଙ୍କ ପ୍ରଥମ ଉପନ୍ୟାସ ପ୍ରକାଶ ପାଏ ୧୯୬୨ରେ। ତା'ପରଠୁ ଏଯାବତ ତାଙ୍କର ୫୮ଟି ଉପନ୍ୟାସ ପ୍ରକାଶିତ ହୋଇସାରିଛି। ଏତଦ୍‌ବ୍ୟତୀତ ଅନେକ ଉପନ୍ୟାସିକା ଏବଂ ନାଟକର ସେ ମଧ୍ୟ ରଚୟିତା। କେବଳ ସେତିକିନୁହେଁ, ସେ ନିଜକୁ କେବଳ ଉପନ୍ୟାସ, ଉପନ୍ୟାସିକା ଅଥବା ନାଟକ ମଧ୍ୟରେ ସୀମିତ କରି ରଖିନାହାନ୍ତି। ଏଥିସହିତ ସେ ଜଣେ ଗାଳ୍ପିକା ଏବଂ କବୟିତ୍ରୀ ମଧ୍ୟ। ନିଜର ବହୁମୁଖୀ ପ୍ରତିଭା ପାଇଁ ତାଙ୍କୁ ମିଳିଛି ଅନେକ ସ୍ୱୀକୃତି ଓ ସମ୍ମାନ। ଉପନ୍ୟାସ 'ଦେମ୍' ପାଇଁ ତାଙ୍କୁ 'ନ୍ୟାଶନାଲ ବୁକ୍ ଆୱାର୍ଡ' ମିଳିଥିବା ବେଳେ ଆମେରିକାର ସର୍ବଶ୍ରେଷ୍ଠ ପୁରସ୍କାର 'ଓ.ହେନରୀ ଆୱାର୍ଡ' ସେ ଦୁଇଥର ହାସଲ କରିଛନ୍ତି। ସେହିଭଳି ବ୍ଲାକ୍ ୱାଟର, ହ୍ୱାଟ ଆଇ ଲିଭ୍‌ଡ ଫର, ବ୍ଲଣ୍ଡେ ଆଦି ଉପନ୍ୟାସ ତଥା ଦି ହ୍ୱିଲ ଅଫ୍ ଲଭ୍ ଭଳି ତାଙ୍କର ଗଳ୍ପ ସଂକଳନଗୁଡ଼ିକ ଏକାଧିକଥର ପୁଲିଜର ପ୍ରାଇଜ୍‌ର ସର୍ବଶେଷ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛନ୍ତି। ବୃତ୍ତିରେ ଜଣେ ଅଧ୍ୟାପିକା କାରୋଲ୍‌ଙ୍କ ପ୍ରବୃତ୍ତି ହେଉଛି କେବଳ ଲେଖିବା।

**ଜନ୍ମ ଓ ପରିବାର :** ୧୯୩୮ ମସିହା ଜୁନ୍ ୧୬ ତାରିଖରେ ନ୍ୟୁୟର୍କର ଲକ୍‌ପୋର୍ଟଠାରେ କାରୋଲ୍‌ଙ୍କ ଜନ୍ମ। ପରିବାରର ତିନିପିଲାଙ୍କ ମଧ୍ୟରେ ସେ ଥିଲେ ସବା ବଡ଼। ବାପା ଫ୍ରେଡେରିକ୍ ଜେମ୍ସ ଥିଲେ ଜଣେ ଡିଜାଇନର। ମା' କାରୋଲିନା ଥିଲେ ଜଣେ ହୋମ୍ ମେକର। ବାପା ଆମେରିକାର ହୋଇଥିବା ବେଳେ ମା' ଥିଲେ ହଙ୍ଗେରୀର ନାଗରିକ। ସହରଠୁ ବେଶ୍ କିଛି ଦୂରରେ ଥିଲା ତାଙ୍କ ବାପାଙ୍କର ଫାର୍ମହାଉସ୍। ଆଉ ସେହି ଫାର୍ମହାଉସ୍‌ରେ ହିଁ ବିତିଥିଲା କାରୋଲଙ୍କ ଶୈଶବ ଏବଂ ଯୌବନ। ତାଙ୍କ ତଳେ ଭାଇ ଫ୍ରେଡେରିକ୍ ଜୁନିଅର। ସବାସାନ ଭଉଣୀ ଲିନ୍ ଆନ୍ ଥିଲେ ଅଟିଷ୍ଟିକ୍ ପୀଡ଼ିତ ବାଳିକା। ଯା'ହେଉ ସେମାନଙ୍କ ଗହଣରେ ହସିଖେଳି ବଢ଼ିଥିବା କାରୋଲ୍‌ଙ୍କ ପାଇଁ ତାଙ୍କ ଘର ଥିଲା ସବୁଠୁ ପ୍ରିୟ ସ୍ଥାନ। ସେ ତାଙ୍କ ପରିବାରକୁ ବିଶ୍ୱର ସବୁଠୁ ଭଲ ପରିବାର ବୋଲି ଉଲ୍ଲେଖ କରନ୍ତି। ତାଙ୍କ ମତରେ ସେଠାରେ ସୁଖଥିଲା, ଦୁଃଖଥିଲା, ଭାଇଭଉଣୀଙ୍କ ମଧ୍ୟରେ କଳିଝଗଡ଼ା ଥିଲା। ଆଉ ତାହା ହିଁ ତାଙ୍କୁ ବଡ଼ ହେବାରେ ସାହାଯ୍ୟ କରିଥିଲା। ପିଲାବେଳେ ତାଙ୍କର ସବୁଠୁ ବେଶି ସମୟ କଟିଥିଲା ତାଙ୍କ ଜେଜେମା' ବ୍ଲାଞ୍ଚେଙ୍କ ନିକଟରେ। ଜେଜେମା'ଙ୍କ ସ୍ମୃତି ତାଙ୍କ ଭିତରେ ଏତେ ପ୍ରବଳ ଯେ, ସେ ତାଙ୍କର ବହୁ ଉପନ୍ୟାସ ତଥା ଗଳ୍ପରେ ତାହାକୁ ରୂପାୟିତ କରିଛନ୍ତି।

**ସ୍କଲାରଶିପ୍ :** କାରୋଲ୍ ସ୍କଲାରଶିପ୍ ପାଇଁ ସିରାକସ୍ ୟୁନିଭର୍ସିଟିକୁ ଗଲେ। ଏହା ତାଙ୍କର ଏକ ସ୍ୱପ୍ନ ଥିଲା। ସେ ଜାଣିଥିଲେ ଯେ, ଏହି ୟୁନିଭର୍ସିଟିରେ ସାହିତ୍ୟକୁ ସବୁଠୁ ବେଶି ପ୍ରାଧାନ୍ୟ ଦିଆଯାଇଥାଏ। ଆଉ ସେ ପିଲାଟି ବେଳରୁ ଜଣେ ସାହିତ୍ୟିକ ହେବେ ବୋଲି ନିର୍ଣ୍ଣୟ କରିସାରିଥିଲେ। ସେଠାରେ ସେ ଗୋଟିଏ କଥା ଶିଖିଲେ। ତାହା ହେଉଛି ଉପନ୍ୟାସ ବା ଗପଟିଏ ଲେଖ। ଆଉ ତାକୁ ବାହାରକୁ ଫୋପାଡ଼ିଦିଅ। ଅର୍ଥାତ୍ ତାହା ଉପରେ ଆଉ ବେଶି ଗୁରୁତ୍ୱ ନ ଦେଇ ଅନ୍ୟ ଏକ ଉପନ୍ୟାସ ବା ଗପ ଲେଖିବା ଆରମ୍ଭ କରିଦିଅ। ସେଇଠି ସେ ଶିଖିଲେ କିଭଳି ଗୋଟିଏ ଉପନ୍ୟାସ ସରିବା କ୍ଷଣି ଆଉ ଏକ ଉପନ୍ୟାସ ଲେଖିବା ଆରମ୍ଭ କରାଯାଇ ପାରିବ। ସେଠାରେ ଏକ ଖୁବ୍ ବଡ଼ ଲାଇବ୍ରେରି ଥିଲା। ସେହି ଲାଇବ୍ରେରିରେ ସେ ଫ୍ରାନ୍‌ଜ କାଫ୍‌କା, ଡି.ଏଚ୍.ଲରେନ୍ସ, ଥମାସ୍ ମନ୍‌ଙ୍କ ଭଳି ବିଶ୍ୱ ବିଖ୍ୟାତ ଲେଖକମାନଙ୍କୁ ପଢ଼ିବାର ସୁଯୋଗ ପାଇଲେ। ଫଳରେ ତାଙ୍କର ଦୃଷ୍ଟି ଦିଗନ୍ତର ବିକାଶ ଘଟିଥିଲା ; ଯାହା ତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଖର ସାହିତ୍ୟ ମନସ୍କ କରିବାରେ ସହାୟକ ହୋଇଥିଲା। ଏହାପରେ କାରୋଲ୍ ରାଇସ୍ ୟୁନିଭର୍ସିଟିକୁ ପିଏଚ୍‌ଡି ପାଇଁ ଗଲେ। ସେଠାରେ ପିଏଚ୍‌ଡି କରୁଥିବା ବେଳେ ନିଷ୍ପତ୍ତି ନେଇଥିଲେ ଯେ, ସେ ଜଣେ ଫୁଲ-ଟାଇମ୍ ରାଇଟର ହେବେ।

**ସାହିତ୍ୟରେ କ୍ୟାରିୟର :** କାରୋଲ୍‌ଙ୍କ ପ୍ରଥମ ଉପନ୍ୟାସ 'ୱିଥ୍ ସଡରିଙ୍ଗ୍ ଫଲ୍' ପ୍ରକାଶିତ ହେଲା ୧୯୬୪ ମସିହାରେ। ସେତେବେଳେ ତାଙ୍କୁ ମାତ୍ର ୨୬ବର୍ଷ। ପରେପରେ ଗପ 'ହ୍ୱେର ଆର ୟୁ ଗୋଇଙ୍ଗ୍'। ଦ୍ୱିତୀୟ ଗଳ୍ପ 'ଇନ୍ ଏ ରିଜିଅନ୍ ଅଫ୍ ଆଇସ୍' ପାଇଁ ସେ ପାଇଲେ ଓ.ହେନରୀ ଆୱାର୍ଡ। ପ୍ରକାଶ ପାଇଲା ଦ୍ୱିତୀୟ ଉପନ୍ୟାସ 'ଏ ଗାର୍ଡେନ୍ ଅଫ୍ ଆର୍ଥଲୀ ଡିଲାଇଟ୍‌ସ'। ପ୍ରଥମ ଓ ଦ୍ୱିତୀୟ ଉପନ୍ୟାସ 'ନ୍ୟାଶନାଲ ବୁକ୍ ଆୱାର୍ଡ଼'ର ଫାଇନାଲକୁ ଯାଇଥିଲେ ମଧ୍ୟ କାଟ୍ ଖାଇ ଯାଇଥିଲା। ତେବେ ତୃତୀୟ ଉପନ୍ୟାସ 'ଦେମ୍ ' ହିଁ ତାଙ୍କୁ ଆଣିଦେଲା ଏହି ପୁରସ୍କାର।







# ଟିଣ ଟ୍ରଙ୍କ୍

**-ବିପ୍ଳବ**



ହାତୁଡି ଟିଏ ଧରି ବଡ଼ ବୋହୂ ଟିଣ ଟ୍ରଙ୍କ୍‌ର ଜଙ୍କ୍ ଲଗା ତାଲାକୁ ପାହାରଟିଏ ପକେଇଲା। ପୁରୁଣାକାଳିଆ ଟ୍ରଙ୍କ୍। ତାଲା ଭାଙ୍ଗିବ କ'ଣ କୁମୁଦା ସହିତ ଉଲୁରି ଗଲା। ସମସ୍ତେ ଉତ୍ସୁକତାର ସହ ଅନେଇଥାନ୍ତି। କ'ଣ ଅଛି ଖଣ୍ଡିଆ ଟିଣ ଟ୍ରଙ୍କ୍‌ରେ , ଯୋଉଥି ପାଇଁ ବୁଢ଼ୀ କଞ୍ଚିଟି ଅଣ୍ଟାରେ ଖୋସି ବୁଲୁଥାନ୍ତି ! ଶଶୁର ବୁଢ଼ା ପ୍ରତିବାଦ କଲେ।

– " ଆଲୋ ଥାଉ ତା ଟଅଙ୍କ, ବୁଢ଼ୀର ଶେଷ ସନ୍ତକ। ମରିବାର ଚାରିଟା ଦିନ ଯାଇନି। କ'ଣ କଲୁ ତୁ , ଭାଙ୍ଗିଦେଲୁ ? କି ହୀରା ନୀରା ନୁଚେଇଚି ହେଥେରେ ? ପେଟରେ ଓଦା କନା ପକେଇ, ତୋରାଣି ପିଇ ଗଣ୍ଡାଏ, ପାଞ୍ଚଟା ପିଲାଙ୍କୁ ମଣିଷ କରିଚି ସିଏ। କୋଉ ଧନ,ରତନ ବଳି ପଡୁଥେଲା ?"

ବୋହୂ କିଛି ଶୁଣୁ ନ ଥିଲା। ଟ୍ରଙ୍କ୍‌ରୁ ଲୁଗାପଟା କାଢି ଫୋପାଡି ପକେଇ ଯେମିତି କ'ଣ ଖୋଜୁଥିଲା ! ଉପରେ କର୍ପୁର ଗୁଡାହୋଇ ଧଳା ଲୁଗା ଖଣ୍ଡେ। ତା ଭିତରେ ଗୋଟିଏ ପଟ କାଚ ଭାଙ୍ଗି ଯାଇଥିବା ପୁରୁଣା ଚଷମା ଆଉ ଅଦରକାରୀ ଖବର କାଗଜ ଗୁଡାହୋଇ ରହିଥିବା ଅଧା ଉଇ ଖିଆ କଳାଧଳା ଫଟ ଟିଏ। ଶଶୁର ବୁଢ଼ା ଚିଲ୍ଲେଇଲା।

–" ଥାଉ ଥାଉ ସେ ପଟକ ଆଉ ଫଟ। ସେଇଟା ମୋ ଶଶୁରଙ୍କର। ବୁଢ଼ା ମଲାଦିନଠୁ ଇଏ ଖୋଜି ଖୋଜି ଏଇ ସମ୍ପତ୍ତି ଆଣିଥିଲା। ବୁଢ଼ାଙ୍କ ପଟକ ଆଉ ଦି ହିଁ ଙ୍କ ଫଟ। ସବୁ ଦିନ ବୁଢୀ ମାହାପୁରୁ କରି ଟଅଙ୍କ ଖୋଲେ, ଅସରାଏ କାନ୍ଦେ। ପୁଣି ତାଲା ପକେଇ ଥୋଇଦିଏ।"

ପରିବେଶ ଗମ୍ଭୀର ହେଇଯାଇଛି। ଧନ,ସୁନା ଲୋଭରେ ଟ୍ରଙ୍କ୍ ଭାଙ୍ଗିଥିବା ପୁଅ ବୋହୂ ନିର୍ବାକ। କାହାରି ମୁହଁରେ ଭାଷା ନାହିଁ ।

*–ମକୁନ୍ଦପୁର, ବାଙ୍କୀ*



# କାଶତଣ୍ଡୀ

**–ଭବାନୀ ସାହୁ**

ଜଳ ଧାରେ କେଦାରେ କେଦାରେ,
ଶୁଭ୍ରରଂଗେ କାଳେ ଶରତରେ,
ପୃଥିବୀର ଶୋଭା ବୃଦ୍ଧି କରି
ଆସିଅଛ ଆଗୋ ଶୁଭ୍ରକାନ୍ତି।।
ତଟିନୀର ବକ୍ଷରେ,
ଶତଦଳ ଶ୍ୱେତ ମେଘ ମାଳାର ସାଥିରେ,
ଦୋଳାୟିତ ହେଉଥାଅ
କୋମଳ ସେ ବାୟୁର ସ୍ପର୍ଶରେ।।
ତୁମେ ଅଟ ମଧୁହରା କୁସୁମ,
ହେଲେ ତୁମ ଛବି ମଧୁଠୁ ବି ଅସୀମ,
କି ବର୍ଣ୍ଣିବି ତୁମ ଅନୁପମ
ନ ଥାଉ ପଛେ ତୁମ ଦେହେ ଭ୍ରମରର ତାନ।।
ତୁମେ ସତେ ...କି ଅଟ
ସୁଷମା ଅନୁପମା ସରଗର
ଦେଖି ତୁମ ପଥ...
ଅବତରିତ ହୁଅନ୍ତି ଯେ ମାତ...।।
ଆଗୋ "କାଶ" !
ତୁମେ ଯେ କେତେ କବିର କଳ୍ପନାରେ ଭାସ
କେହି କହେ ଫୁଲ ତ କହିଦିଏ କିଏ ଘାସ।
ଆଗୋ "ଭୂମିପ୍ରିୟା" !
ପ୍ରକୃତିର କୋଳରେ ତୁମେ ରଂଜିତ ଦିଶ,
ତୁମେ ତ ଚନ୍ଦ୍ରର କୋମଳତାର ରସ,
ଥରେ ନୁହେଁ ପ୍ରତି ଋତୁ ସହ ବାରମ୍ବାର ଆସ
ନେଇ ତୁମ ପଣତର ସ୍ପର୍ଶ।।

*–କାମାକ୍ଷାନଗର,ଢେଙ୍କାନାଳ*

# କବିତା ଓ ଗଳ୍ପ

**–ଦିଲିପ୍ କୁମାର ତ୍ରିପାଠୀ**

**କବିତା:**
କବିତା ଗୋଟେ ଝିଅ
ଜନ୍ମରୁ ଆଖିରେ ଲୁହ ।
କେବେ ଅଲୋଡ଼ା କେବେ ଅନାଦୃତା
ପଦେ ପଦେରେ କହିପାରେ
ସବୁ ଗୁମ୍ଫାର ଗୁମର କଥା
ଗୋଟେ ଶବ୍ଦରେ ଭାଙ୍ଗିପାରେ
ପାହାଡ଼ର ନୀରବତା
ତଥାପି, ପ୍ରତି ମୁହୂର୍ତ୍ତେ ନିର୍ଯାତିତା !!!

**ଗଳ୍ପ:**
ଗଳ୍ପ ଗୋଟେ ପୁଅ
ଜନ୍ମରୁ ଜାଣିଛି କେମିତି
ଲୁଚାନ୍ତି କୋହ ।

କେବେ ମହଙ୍ଗା କେବେ ଶସ୍ତା
ବିଶ୍ୱ ବହିପାରେ ବକ୍ଷରେ ତାହାର
ବଢ଼େ ଯେବେ ତାର ବିଶାଳତା
ସାଗର ପରି ହାତ ପ୍ରସାରି
ଧରେ ନଦୀର ମଳିନତା
ବଦଳେ ଫେରାଏ ଶାମୁକା
ଦେହରେ ଭରି ସେ ମୁକ୍ତା
ତଥାପି, ଉଚ୍ଛିଷ୍ଟ ହେଇଯାଏ କେବେ
ରହିଯାଏ କିଛି ଅକୁହାକଥା !!!

*–ଢେଙ୍କାନାଳ, ପର୍ଜଙ୍ଗ,*
*କୁନ୍ଦନଦେଈପୁର ଶାସନ*

# ଯନ୍ତ୍ରଣା

**–ସଚ୍ଚିଦାନନ୍ଦ ବାରିକ**

ସୁଖକୁ ଘାରଛି ଅଳ୍ପାୟୁଷ
ଖୁସି ଭୋଗେ ଏଠି ବନ୍ଧ୍ୟା ଦୋଷ
ପରସ୍ଥିତି ଦେଖି ଜୀବନ ହସୁଛି
ଦୁଃଖ ମାରେ ଏଠି ଦୀର୍ଘଶ୍ୱାସ..

*–ଝୁମ୍ପୁରା, କେନ୍ଦୁଝର*



# ବୁଝି ହେବେ ନୁସରତ

ଚାହୁଁ ଚାହୁଁ ୧୩ ବର୍ଷ ସିନା ଅତିକ୍ରମ ହୋଇଗଲା,ହେଲେ ଦେଖିଲାବେଳକୁ ମାତ୍ର ହାତଗଣତି ୪-୫ଟି ସିନେମାରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଛି। ଏଣିକି ସେ ଆଉ ତରତର ହୋଇ ଫିଲ୍ମ ସାଇନ୍ କରିବେ ନାହିଁ ବୋଲି ମାଇଣ୍ଡ ମେକଅପ କରିଛନ୍ତି। ସେ ହେଲେ ନୁସରତ ଭରୁଚା। ୨୦୦୬ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା, ଆଉ ଚଳଚ୍ଚିତ୍ରଟି ଥିଲା 'ଜୟ ସନ୍ତୋଷୀ ମା'। ଏହାପରେ ଦ୍ୱିତୀୟ ଫିଲ୍ମ ପାଇଁ ତାଙ୍କୁ ଚାରିବର୍ଷ ଅପେକ୍ଷା କରିବାକୁ ପଡିଥିଲା। ଅର୍ଥାତ ତାଙ୍କ ଅଭିନୀତ 'ଲଭ୍ ସେକ୍ସ ଔର ଧୋକା' ୨୦୧୦ରେ ରିଲିଜ ହୋଇଥିଲା। ୨୦୧୧ରେ ପରଦା ଉପରକୁ ଆସିଥିଲା 'ପ୍ୟାର୍ କା ପଞ୍ଚନାମା', ଯାହା ତାଙ୍କ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହୋଇଥିଲା। କେବଳ ହିନ୍ଦୀ ସିନେମା ନୁହେଁ, ତେଲୁଗୁ ଚଳଚ୍ଚିତ୍ର 'ତାଜମହଲ' ଏବଂ ତାମିଲ ସିନେମା 'ଭାଲିବା ରାଜା'ରେ ସେ ମଧ୍ୟ ଅଭିନୟ କରିସାରିଛନ୍ତି। ନିକଟରେ ରିଲିଜ ହୋଇଥିବା ହିନ୍ଦୀ ଚଳଚ୍ଚିତ୍ର 'ଡ୍ରିମ୍ ଗର୍ଲ'ରେ ସେ ଆୟୁଷ୍ମାନ ଖୁରାନାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ। ଫିଲ୍ମଟିକୁ ଆଶାନୁରୂପ ସଫଳତା ମିଳି ନ ଥିଲେ ମଧ୍ୟ ଏବେ ନୁସରତଙ୍କ ହାତରେ ୩-୪ଟି ଅଫର ରହିଛି। ତେବେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ସେ ଆଦୌ ତରତର ହେବେ ନାହିଁ ବୋଲି କହିଛନ୍ତି।


ନୁସରତ

# କାହାଣୀ ମିଶନ

ମାଲାୟାଲାମ ଅଭିନେତା ଦଲକେର୍ ସଲମାନ୍। ବେଶ୍ କେତୋଟି ସୁପରହିଟ୍ ମାଲାୟାଲାମ ସିନେମାରେ ଅଭିନୟ କରିବା ପରେ ସେ ପାଦ ଦେଇଥିଲେ ବଲିଉଡ୍‌ରେ । ତାଙ୍କ ଅଭିନୀତ ଦ୍ୱିତୀୟ ହିନ୍ଦୀ ସିନେମା 'ଜୋୟା ଫ୍ୟାକ୍ଟର' ଚଳିତ ମାସ ୨୦ରେ ରିଲିଜ ହୋଇଛି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୋନମ କପୁର। ବର୍ତ୍ତମାନ ଏହି ୩୩ବର୍ଷ ବୟସ୍କ ଆକ୍ଟର ଏକ ଦମଦାର ଆକ୍ସନ କାହାଣୀ ସନ୍ଧାନରେ ଅଛନ୍ତି। କାହାଣୀଟି ସିଲେକ୍ସନ ହେବା ପରେ ସେ ଆଉ ଏକ ହିନ୍ଦୀ ସିନେମାର ନିର୍ମାଣ କରିବାକୁ ଆଗକୁ ବଢ଼ିବେ। ଏ ସମ୍ପର୍କରେ ସେ କହନ୍ତି, 'ବିଶେଷ ଭାବରେ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ମୋତେ ଭଲ ଲାଗେ। ହେଲେ ସେଥିରେ ରୋମାଣ୍ଟିକ ଚାର୍ମ ରହିବା ନିହାତି ଦରକାର। ସେପରି ଏକ କାହାଣୀ ସନ୍ଧାନରେ ମୁଁ ରହିଛି।' ତେବେ ଦଲକେର୍‌ଙ୍କର କାହାଣୀ ମିଶନ କେବେ ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା।


ଦଲକେର୍ ସଲମାନ୍

# ସତ ହେଲା ପୂର୍ବାନୁମାନ

ଶ୍ରଦ୍ଧା କପୁର ଏବେ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି। କାରଣ ପ୍ରଭାସ-ଶ୍ରଦ୍ଧା ଅଭିନୀତ 'ଶାହୋ'ର ହିନ୍ଦୀ ଭର୍ସନ ବକ୍ସ ଅଫିସରେ ୧୫୦କୋଟି କ୍ଲବ୍‌ରେ ସାମିଲ ହୋଇଛି। କେବଳ ସେତିକି ନୁହେଁ, ତାଙ୍କର ଏବେ ଡବଲ ଖୁସି। ସେ ଅଭିନୟ କରିଥିବା 'ଛିଛୋରେ' ଖୁବ୍‌ଶୀଘ୍ର ୧୦୦କୋଟି ବିଜନେସ କରିବାକୁ ଯାଉଛି। ଏ ନେଇ ଶ୍ରଦ୍ଧା କହନ୍ତି, 'ମୁଁ ଯେତେବେଳେ 'ଛିଛୋରେ'ର କାହାଣୀ ଶୁଣିଲି ସେତେବେଳେ ପୂର୍ବାନୁମାନ କରିଥିଲି ଯେ ଏହି ଫିଲ୍ମଟି ନିଶ୍ଚୟ ୧୦୦ କୋଟି ବିଜନେସ କରିବ। ଯାହା ହେଉ ମୋ କଥା ସତ ହେବାକୁ ଯାଉଛି।' ଶୁଣିବାକୁ ମିଳୁଛି ଯେ ଏହି ଫିଲ୍ମର ପ୍ରଯୋଜକ ତାଙ୍କୁ ତାଙ୍କର ଆଗାମୀ ଫିଲ୍ମରେ ରିପିଟ୍ କରିବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ଶ୍ରଦ୍ଧାଙ୍କ ସୋସିଆଲ ମିଡିଆ ସାଇଟ୍ 'ଇନଷ୍ଟାଗ୍ରାମ୍'ରେ ତାଙ୍କର ଫଲୋୟରଙ୍କ ସଂଖ୍ୟା ୩୪ ମିଲିୟନ ଟପିଯାଇଛି।


ଶ୍ରଦ୍ଧା

# ଦେବ୍ ଯାହା ଚାହୁଁଥିଲେ...

ଜଣେ ଯାହା ଚାହେଁ ତାହା ଅନେକ ସମୟରେ ସହଜରେ ପୂରଣ ହୋଇ ନ ଥାଏ। ଅନ୍ୟପକ୍ଷରେ ଏପରି ସ୍ୱପ୍ନ ସାକାର ହେବାକୁ ଅଳ୍ପ ସମୟ ଲାଗିଥାଏ। ଠିକ୍ ସେହିପରି ନିଜର ପ୍ରଥମ ଚଳଚ୍ଚିତ୍ରକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ନବାଗତ ଦେବ୍। ସେ ଅଭିନୟ କରିଥିବା ଓଡିଆ ଚଳଚ୍ଚିତ୍ର 'ଲଭ୍ ଟ୍ୱିଷ୍ଟ'ରେ ତାଙ୍କୁ ମିଳିଛି ମନଲାଖି ଭୂମିକାଟିଏ। 'ଏପରି ଏକ ସୁନ୍ଦର ଭୂମିକାଟିଏ ଯେ ମୋତେ ମିଳିଯିବ ତାହା ମୁଁ କେବେ କଳ୍ପନା କରି ନ ଥିଲି। କାହାଣୀ ଅନୁସାରେ ମୁଁ ଏଥିରେ ଜଣେ ବସ୍ତି ପିଲା ଭୂମିକାରେ ଅଭିନୟ କରିଛି। ପିଲାଟି ଘଟଣାଚକ୍ରରେ ପଡି ଅପରାଧ ଦୁନିଆରେ ଫସି ଯାଉଛି। ଆଉ ତା'ପରେ କ'ଣ ଘଟୁଛି ଏବଂ ସେ ଯାହାକୁ ମନପ୍ରାଣ ଦେଇ ଭଲ ପାଉଛି ତାକୁ ନିଜର କରିପାରୁଛି କି ନାହିଁ ତାହା ଫିଲ୍ମ ଦେଖିଲେ ହିଁ ଜାଣିପାରିବେ ବୋଲି ସେ କହନ୍ତି ।' ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିଗ୍ରୀ ହାସଲ ପରେ ସେ ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ ଏହି ଫିଲ୍ମରେ ତାଙ୍କର ନାୟିକା ସାଜିଥିବା ମନସ୍ୱିତା ମଧ୍ୟ ନବାଗତା। ଅନନ୍ତ ଭାରତୀ କ୍ରିଏସନ୍ସ ବ୍ୟାନରରେ ନିର୍ମିତ 'ଲଭ୍ ଟ୍ୱିଷ୍ଟ'ର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ଅନନ୍ତ କୁମାର ସାମଲ। କାହାଣୀ, ସଂଳାପ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି ନବାଗତ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସାମଲ। ନବାଗତ ସ୍ୱର ସଂଯୋଜକ ସୁଶୀଲ ଦଳାଇ ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଦେବ୍-ମନସ୍ୱିତାଙ୍କ ବ୍ୟତୀତ ମିହିର ଦାସ, ପୁଷ୍ପା ପଣ୍ଡା, କାଳୀଚରଣ ଆଚାର୍ଯ୍ୟ, ପିଣ୍ଟୁ ନନ୍ଦ, ହାସ୍ୟାଭିନେତା ପ୍ରଜ୍ଞାଙ୍କୁ ଏଥିରେ ମଧ୍ୟ ଦେଖିବାକୁ ମିଳିବ। ତେବେ ଡେବ୍ୟୁ ଫିଲ୍ମଟି ଦେବ୍‌ଙ୍କୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଦେବ୍-ମନସ୍ୱିତା

# ଟାଇଗରଙ୍କ ପ୍ରଶଂସାରେ ହ୍ରିତିକ

ହ୍ରିତିକ ଏବେ ଟାଇଗରଙ୍କ ପ୍ରଶଂସାରେ ଶତମୁଖ। ଯୁଆଡେ ଗଲେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। କାରଣ କ'ଣ ଜାଣନ୍ତି ? ଦୁହିଁଙ୍କ ଅଭିନୀତ ଆକ୍ସନଭିତ୍ତିକ ସିନେମା 'ୱାର' ଚଳିତ ବର୍ଷ ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି। ନିକଟରେ ଏହାର ଏକ ପ୍ରମୋ କାର୍ଯ୍ୟକ୍ରମରେ ଟାଇଗର ଶ୍ରଫଙ୍କୁ ସେ ଯେମିତି ପ୍ରଶଂସା କଲେ ତାହା ଦେଖି ସେଠାରେ ଉପସ୍ଥିତ ଖୋଦ୍ ଟାଇଗର ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏହି ଅବସରରେ ସେ କହିଥିଲେ, 'ଆପଣମାନେ ଦେଖିବେ ଟାଇଗର ଦିନେ ନା ଦିନେ ବଲିଉଡ୍‌ର ନମ୍ବର ୱାନ ନାୟକ ସାଜିବ। ତା'ଠାରେ ଅଭିନୟ ଦକ୍ଷତା ଭରି ରହିଛି। ଏହି ଫିଲ୍ମର ଶୁଟିଂ ସମୟରେ ତା' ଆକ୍ଟିଂକୁ ମୁଁ ଭଲ ଭାବରେ ଲକ୍ଷ୍ୟ କରି ତାହା ଜାଣିପାରିଛି। 'ୱାର୍'ରେ ଆମ ଦୁହିଁଙ୍କ ଯୋଡି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଖୋରାକ ଯୋଗାଇବ ବୋଲି ମୋର ବିଶ୍ୱାସ ରହିଛି। ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ପ୍ରଯୋଜିତ 'ୱାର୍'ର ନିର୍ଦ୍ଦେଶନା ଦେଇଛନ୍ତି ସିଦ୍ଧାର୍ଥ ଆନନ୍ଦ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶାଲ-ଶେଖର। ଯଶରାଜ ଫିଲ୍ମସ ବ୍ୟାନରରେ ଏହାର ଫିମେଲ ଲିଡ୍‌ରେ ଅଛନ୍ତି ବାଣୀ କପୁର। ଫିଲ୍ମଟି ହିନ୍ଦୀ, ତାମିଲ, ତେଲୁଗୁ ବ୍ୟତୀତ ସ୍ପେନୀୟ, ଫ୍ରେଞ୍ଚ, ରୁସିୟାନ୍, ଇଂରାଜୀ ଏବଂ ଜାପାନୀ ଭାଷାରେ ନିର୍ମିତ ହୋଇଛି।


ହ୍ରିତିକ-ଟାଇଗର



ପ୍ରଥମ ରୋଜଗାର

# ପ୍ରଥମ ଦରମା ୨୦ଟଙ୍କା

**ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଲୋକପ୍ରିୟ ବିଜ୍ଞାନ ଲେଖକ ଶରତ ଚନ୍ଦ୍ର ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ବନ୍ଧରେ ଯାହା କୁହନ୍ତି...**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଆର୍ମଳା ଗାଁରେ ମୋ ଜନ୍ମ। ରେମୁଣା ହାଇସ୍କୁଲରୁ ୧୯୭୧ ମସିହାରେ ମାଟ୍ରିକ୍ ପାସ୍ କରି ଫକୀର ମୋହନ କଲେଜରେ ଅଧ୍ୟୟନ କଲି। ପଶୁ ଡାକ୍ତରୀ ପଢ଼ିବାର ସୁଯୋଗ ମିଳିଥିଲେ ବି ଆର୍ଥିକ ଅନଟନ ଯୋଗୁ ପଢ଼ି ନ ପାରି ଉଦ୍ଭିଦ ବିଜ୍ଞାନ ସମ୍ମାନ ନେଇ ବି.ଏସ୍‌ସି. ପାସ୍ କଲି। ଏହାପରେ ନୂତନ ଭାବେ ଗଢ଼ି ଉଠିଥିବା ଆର୍ମଳା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ଚାକିରି କରିଥିଲି। ମାସକୁ ଦରମା ମାତ୍ର ୨୦ ଟଙ୍କା। ପ୍ରଥମ ଦରମା ପାଇଲା ପରେ ବାପାଙ୍କ ପାଇଁ ଏକ ଗାମୁଛା କିଣିଥିଲି। ଆଉ ଯେଉଁ ଟଙ୍କା ବଳିଲା, ସେଥିରେ ଚକୋଲେଟ୍ କିଣି ମୁଁ ପଢ଼ାଉଥିବା ସ୍କୁଲ୍ ପିଲାମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲି। ସେତେବେଳେ ଏହି ସ୍କୁଲଟି ଅନ୍ୟ ଶିକ୍ଷକମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସଦୃଶ ଥିଲା। ନୂତନ ଚାକିରି ବା ପଢ଼ାପଢ଼ିର ସୁଯୋଗ ଆସିଲେ ସେମାନେ ଏ ସ୍କୁଲ୍ ଛାଡ଼ି ଚାଲି ଯାଉଥିଲେ। କିନ୍ତୁ ମୋ ପାଇଁ ମୋ ବାପା, ଗ୍ରାମବାସୀ ତଥା ସ୍କୁଲ୍ ପରିଚାଳନା କମିଟି ସଦସ୍ୟମାନଙ୍କର ଆଭିମୁଖ୍ୟ ଥିଲା ଟିକେ ଭିନ୍ନ। ସେମାନଙ୍କର ଉକ୍ତି ଥିଲା-'ମୁଁ ଚାଲିଗଲେ ସ୍କୁଲଟି ଭାଙ୍ଗିଯିବ'। ତେଣୁ ସେମାନଙ୍କ କଥାକୁ କାଟି ମୁଁ କୁଆଡ଼େ ଯାଇପାରିଲି ନାହିଁ। ହେଲେ ଅର୍ଥାଭାବ, ମାନସିକ ଦୁଶ୍ଚିନ୍ତା ତଥା ସ୍କୁଲର ପରିଚାଳନାକୁ ନେଇ ମୋତେ ଖୁବ୍ ବ୍ୟସ୍ତ, ବିବ୍ରତ ଲାଗୁଥିଲା ଓ ମନକୁ ଅନେକ ଭାବନା ଆସୁଥିଲା। ଶେଷରେ ସେହି ଭାବନାକୁ ନେଇ 'ଧୂସର ଚନ୍ଦ୍ର' ନାଁରେ ଏକ ଗପ ଲେଖିଲି। ଏହା ସେ ସମୟର ଏକ ପ୍ରତିଷ୍ଠିତ ପତ୍ରିକା 'ନବରବି'ରେ ପ୍ରକାଶିତ ହେବା ପରେ ଅନେକ ଶୁଭେଚ୍ଛୁ ମୋତେ ଅଭିନନ୍ଦନ ପଠାଇଲେ। ଫଳରେ ମୁଁ ଲେଖାଲେଖି ଜାରି ରଖିଲି। ଏପଟେ ଶିକ୍ଷକତା ସହିତ କୃତିତ୍ୱର ସହ ଓଡ଼ିଆରେ ଏମ୍.ଏ, ବି.ଏଡ୍ ଓ ଏମ୍.ଏଡ୍ ମଧ ପାସ୍ କଲି। ହେଲେ ଚାକିରି ପାଇଁ ଅନ୍ୟତ୍ର ସୁଯୋଗ ପାଇଥିଲେ ମଧ ଯାଇପାରିଲି ନାହିଁ। କାରଣ ସେତେବେଳକୁ ଏ ସ୍କୁଲ୍ ପ୍ରତି ମୋ ମନରେ ଦୁର୍ବଳତା ସୃଷ୍ଟି ହୋଇସାରିଥିଲା। ତା'ସାଙ୍ଗକୁ ସ୍କୁଲ୍ ଛାଡି ନ ଯିବା ପାଇଁ ପୂର୍ବରୁ ମୋତେ ଯେଉଁ ଆକଟ କରାଯାଇଥିଲା, ତାକୁ ମଧ ଏଡାଇ ନ ପାରି ମୁଁ ସେହି ସ୍କୁଲର ପ୍ରଧାନଶିକ୍ଷକର ଗୁରୁ ଦାୟିତ୍ୱ ତୁଲାଇ ଚାଲିଲି। ଏମିତି କିଛିବର୍ଷ ଅଭାବ, ଅସୁବିଧା ଓ ଅନଟନ ମଧ୍ୟରେ କଟିବା ପରେ ସରକାର ଉକ୍ତ ସ୍କୁଲକୁ ଅନୁଦାନ ଦେଲେ। ୧୯୮୫ରେ ଆମର ସର୍ଭିସ୍ ବୁକ୍ ଖୋଲା ହେଲା ଏବଂ ଆମେ ସରକାରୀ ହାରରେ ଦରମା ପାଇଲୁ। ସେ ସମୟରେ ଏକକାଳୀନ ସବୁ ବକେୟା ଦରମା ମିଳିଥିଲା। ଫଳରେ ବାପା, ବୋଉ, ଭାଇ, ପତ୍ନୀ ଓ ଝିଅ ପାଇଁ ନୂଆ ଲୁଗା କିଣିବା ସହ ମୋ ପାଇଁ ଗୋଟିଏ ହାତଘଣ୍ଟା ଓ ପକେଟ୍ ରେଡିଓଟିଏ କିଣିଥିଲି। ବାକି ଯାହା ବଳିଥିଲା ତାକୁ ବାପାଙ୍କୁ ଦେଇଥିଲି। ସେଦିନ ବାପା ମୋ ଦରମା ଟଙ୍କାକୁ ହାତରେ ଧରି ବହୁତ କାନ୍ଦିଥିଲେ, ଯାହା ଥିଲା ମୋ ପାଇଁ ଏକ ଅଭୁଲା ସ୍ମୃତି। ଏମିତି ସମୟ ବିତିଚାଲିଲା। ୨୫ ବର୍ଷ ଉକ୍ତ ସ୍କୁଲରେ ରହିବା ପରେ ଘରଠାରୁ ପ୍ରାୟ ୪୦ କି.ମି. ଦୂର ହଳଦୀପଦାର ଅଗରଓ୍ୱାଲା ଉଚ୍ଚ ବିଦ୍ୟାପୀଠକୁ ପ୍ରଧାନଶିକ୍ଷକ ଭାବେ ବଦଳି ହୋଇଗଲି। ସେଠାରେ ଅନେକ ପୁରାତନ, ଅଭିଜ୍ଞ ଓ ଉତ୍ସାହୀ ଶିକ୍ଷକଙ୍କର ସାହାଯ୍ୟ, ସହଯୋଗରେ ବିଦ୍ୟାପୀଠର ବାର୍ଷିକ ପରୀକ୍ଷାଫଳ, ପରିବେଶ ଓ ପରିଚାଳନା ବେଶ୍ ଉନ୍ନତ ହେବାକୁ ଲାଗିଲା। ଫଳରେ ଉକ୍ତ ବିଦ୍ୟାପୀଠକୁ ଜିଲାର ଏକ ପ୍ରମୁଖ ବିଦ୍ୟାଳୟର ପରିଚିତି ମିଳିଲା। ତା'ସହିତ ମୋତେ ମଧ ୨୦୦୯ରେ 'କୃତୀ ଶିକ୍ଷକ' ଭାବେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ମାନିତ କରାଗଲା। ସେତେବେଳକୁ ମୁଁ ଲେଖାଲେଖିରେ କିଛି ପଥ ଅତିକ୍ରମ କରିସାରିଥାଏ। ପଠନ, ଲିଖନ ଓ ଚିନ୍ତନ ସହ ବିଜ୍ଞାନକୁ ଜନପ୍ରିୟ ଓ ଲୋକାଭିମୁଖୀ କରାଇବା ନିମନ୍ତେ ଚେଷ୍ଟା ମଧ ଜାରି ରଖିଥାଏ। ଛାତ୍ରୀଛାତ୍ରମାନେ ବିଜ୍ଞାନକୁ କିପରି ଭଲପାଇବେ ଓ ଅଙ୍କେନିଭାଇ ଅନୁଭୂତିକୁ ସାଉଁଟିବେ ସେଥିପାଇଁ ମୁଁ ପାଞ୍ଚଖଣ୍ଡ 'ବିଜ୍ଞାନ ପ୍ରଦର୍ଶନୀ ପ୍ରଯୋଜନା' ପୁସ୍ତକ ଓ ପ୍ରାୟ ୧୫ ଖଣ୍ଡ ବିଜ୍ଞାନଧର୍ମୀ ପୁସ୍ତକ ରଚନା କରିଥିଲି, ଯେଉଁଥିପାଇଁ ୨୦୧୦ରେ ଓଡ଼ିଶା ବିଜ୍ଞାନ ଏକାଡେମୀ ମୋତେ ସମ୍ମାନନୀୟ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁରସ୍କାର'ରେ ସମ୍ମାନିତ କରିଥିଲେ। ସେହିଭଳି ଗଣିତକୁ ସରଳ, ସାବଲୀଳ ଓ ସର୍ବ ଜନାଦୃତ କରାଇବା ପାଇଁ ୫ ଖଣ୍ଡ ପୁସ୍ତକ ମଧ ରଚନା କରିଥିଲି। ତେବେ ୨୦୧୩ ଫେବୃୟାରୀ ମାସରୁ ମୁଁ ଚାକିରିରୁ ଅବସର ଗ୍ରହଣ କରିସାରିଥିଲେ ହେଁ ଶିକ୍ଷାଦେବାରୁ ବିରତି ନେଇନାହିଁ। ଏବେ ବି ବିଭିନ୍ନ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରାଇବା ସହ ସେମାନଙ୍କୁ ଅନ୍ଧବିଶ୍ୱାସରୁ ମୁକୁଳାଇବା ଓ ଗଣିତ ବିଦ୍ୟାକୁ ଭୟମୁକ୍ତ କରି ଆନନ୍ଦଦାୟୀ କରାଇବା ନିମନ୍ତେ ଚେଷ୍ଟା ମୋର ଜାରି ରହିଛି।

# କଅଁଳିଆ ଖରାକୁ ଝିପି ଝିପି ବର୍ଷା ଜୁଲିକୁ ପ୍ରେମ କଲେ ଲିଲି କରେ ଈର୍ଷା

**ପ୍ରଶ୍ନ-** କଲେଜରେ ପାଦ ଦେଉ ଦେଉ ମୁଁ ଜୁଲି ପ୍ରେମରେ ପଡ଼ିଥିଲି। ତାହାର ମାସ କେଇଟା ପରେ ଲିଲି ନାମ୍ନୀ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ଲିଲିକୁ ଜୁଲି କଥା କହିଲାବେଳକୁ ସେ ତାକୁ ଈର୍ଷା କରିବା ଭଳି ଲାଗୁଛି। ଏପରି ପରିସ୍ଥିତିରେ କ'ଣ କରିବି ଜାଣିପାରୁନାହିଁ।

*-ଅଜିତ କୁମାର ସାହୁ, ରେଢ଼ାଖୋଲ, ସମ୍ବଲପୁର*

**ଉତ୍ତର:** 'କଅଁଳିଆ ଖରାକୁ ଝିପିଝିପି ବର୍ଷା, ଜୁଲିକୁ ପ୍ରେମ କଲେ ଲିଲି କରେ ଈର୍ଷା।' ପ୍ରେମ କରି ଦୁଇ ନାଆରେ ଗୋଡ଼ ରଖିଲେ ଏପରି ପରିସ୍ଥିତି ହିଁ ସୃଷ୍ଟି ହୋଇଥାଏ। ଅସଲ କଥା ହେଲା, ପ୍ରେମନିଶାରେ ବାୟା ହୋଇ ଆପଣ ହରଡ଼ଘଣାରେ ପଡ଼ିଯାଇଛନ୍ତି। ଦୁଇଜଣଙ୍କୁ ଏକାଥରେ ପ୍ରେମ କରୁଛନ୍ତି। ପୁଣି କାହା ମନରେ ଦୁଃଖ ଦେବାକୁ ଚାହୁଁନାହାନ୍ତି। ହେଲେ ଗୋଟିଏ କଥା-ଯେତେଶୀଘ୍ର ପାରୁଛନ୍ତି ଏଭଳି ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। କାରଣ ଏକାଥରେ ଦୁଇଜଣଙ୍କୁ ପ୍ରେମ କରିବା କେତେ ଡେଞ୍ଜରିୟସ ତାହା ପ୍ରଥମେ ହୃଦୟଙ୍ଗମ କରିବା ଦରକାର। ତେଣୁ 'ଗୋଟିଏ ମନ ଗୋଟିଏ ପ୍ରେମିକା' ଫର୍ମୁଲାରେ ପ୍ରେମ କରନ୍ତୁ। ପୁଣି ସେହି ପ୍ରେମରେ ଆବିଳତା ନ ରହିଲେ ମିଶନ ସକ୍‌ସେସ୍ ହେବାର ଚାନ୍ସ ରହିଛି।

**ପ୍ରଶ୍ନ-** ମଣିଷ ସବୁକିଛି ଭୁଲି ଯାଇଥାଏ, ହେଲେ ନିଜ ଜୀବନର ପ୍ରଥମ ପ୍ରେମକୁ କାହିଁକି ଭୁଲିପାରି ନ ଥାଏ ?

*-ବିକ୍କୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** ପ୍ରଥମ ପ୍ରେମକୁ କ'ଣ ଏତେ ସହଜରେ ଭୁଲିହୁଏ ? କାରଣ ପହିଲି ପ୍ରେମର ପରଶ ମନକୁ ବେଶ୍ ଆହ୍ଲାଦିତ କରେ। ଯଦି ସେଥିରେ ପାଗଳ ହୋଇ ବାଟବଣା ହୋଇଗଲ ଆଉ ପ୍ରେମଗାଡ଼ି ଅଧାବାଟରେ ଅଟକିଗଲା, ତେବେ ସବୁ ପରିଶ୍ରମ ବୃଥା। ନିଜ ପ୍ରେମକୁ ସାରାଜୀବନ ସ୍ମୃତି କରି ରଖିବାକୁ ହେଲେ ଏହା ଭିତରକୁ ଯେମିତି ଭାଇରସ ଏଣ୍ଟ୍ରି ନ କରନ୍ତି ସେନେଇ ସଜାଗ ରହନ୍ତୁ।

**ପ୍ରଶ୍ନ-**ଜଣେ ସାଙ୍ଗ କଥାରେ ଭାସିଯାଇ ଜଣେ ଝିଅକୁ ଭଲ ପାଇ ବସିଲି। ହେଲେ ଏବେ ଜାଣୁଛି ସେ ଝିଅ ଆଉ ଜଣେ ପୁଅକୁ ମନପ୍ରାଣ ଦେଇ ଭଲ ପାଉଛି। କ'ଣ କରିବି ?

*-ତନ୍ମୟ ଦାସ, ସୁନାବେଢ଼ା, କୋରାପୁଟ*

**ଉତ୍ତର:** କିଛି ନ ବୁଝି ଆପଣ ଆରମ୍ଭରୁ ରଙ୍ଗ୍ ନମ୍ବର ଡାଏଲ କରିଦେଇଛନ୍ତି। ପରେ ଦେଖିଲାବେଳକୁ ସେହି ଝିଅର ଆଉ ଜଣେ ପ୍ରେମିକ ଅଛନ୍ତି। ଏବେ ଆଉ ଚିନ୍ତା କଲେ କ'ଣ ହେବ ? କେବଳ ପୁରୁଣା ପ୍ରେମକୁ ମନେପକାଇ ପ୍ରେମନିଆଁରେ ଆଉଟୁପାଉଟୁ ହେବା ସାର। ତେଣୁ ଗତସ୍ୟ ଶୋଚନା ନାସ୍ତି। ଯାହା ଘଟିଗଲା, ତାକୁ କ୍ଷଣିକ ଭାବି ଭୁଲି ଯାଆନ୍ତୁ। ପୁଣିଥରେ ଏମିତି ବହି ଫିଟ୍ କରନ୍ତୁ, ଯେମିତି ଏଥର ଆଉ ଅଧାରାସ୍ତାରେ ବାଉଳି ଚାଉଳି ହେବେନାହିଁ।

**ପ୍ରଶ୍ନ-**ଆଜିକାଲି ଅନେକ ଝିଅ ଟଙ୍କା ଲୋଭରେ ପୁଅପିଲାଙ୍କୁ ସେମାନଙ୍କ ପ୍ରେମ ଜାଲରେ ଫସାଉଛନ୍ତି। ଏହା ସତ କି ?

*-ଜିତେନ୍ଦ୍ର କୁମାର, ଅନୁଗୋଳ*

**ଉତ୍ତର:** ଆପଣ କେବେ ଏପରି ପରିସ୍ଥିତିର ସାମ୍ନା କରିଛନ୍ତି କି? ଏପରି ପ୍ରେମିକାକୁ ଭରସା କରିବା ଯାହା ଭସା ବାଦଲରୁ ବର୍ଷା ଆଶା କରିବା ସେଇଆ। ଗୋଟିଏ ହାତରେ କ'ଣ ତାଳି ବାଜେ? ଦୋଷ ତ ଦୁଇପଟରୁ ରହିଛି। ତେବେ ସେ ଯାହାହେଉନା କାହିଁକି, ପ୍ରେମକୁ ଆଳକରି ଯିଏ ଟଙ୍କାକୁ ଭଲ ପାଆନ୍ତି ସେଭଳି ପ୍ରେମ କ୍ଷଣସ୍ଥାୟୀ।



# ଫୁଁକା ଗାଁର କୃଷିଯନ୍ତ୍ର କାରିଗର

ଏକ ନିପଟ ଆଦିବାସୀ ଅଧ୍ୟୁଷିତ ଗାଁର ଜଣେ ଯୁବକ। ଇଞ୍ଜିନିୟରିଂ ପାଠ ପଢ଼ିନାହାନ୍ତି, ମାତ୍ର ନିଆରା କୃଷିଯନ୍ତ୍ର ତିଆରି କରିଛନ୍ତି । ଏହି ଯନ୍ତ୍ରକୁ ଚାଷକାମରେ ଲଗାଇ ସଫଳ ହୋଇପାରିଥିବାରୁ ଅନ୍ୟଚାଷୀମାନେ ତାଙ୍କଠାରୁ ସେହି ଯନ୍ତ୍ରକୁ କିଣି ବେଶ୍ ଉପକୃତ ହୋଇପାରୁଛନ୍ତି।

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସୁବଲଡ଼ା ଗ୍ରାମପଞ୍ଚାୟତର ଏକ ଆଦିବାସୀ ଗାଁର ନାମ ହେଲା ଫୁଁକା। ଏହି ଗ୍ରାମର ପ୍ରାୟ ୭୦ଟି ପରିବାର ସଉରା ସମ୍ପ୍ରଦାୟର। ଅନ୍ୟ ୨ଟି ପରିବାର ଗୌଡ଼ ସମ୍ପ୍ରଦାୟର। ଗାଁର ଜନସଂଖ୍ୟା ପ୍ରାୟ ୪୫୦ ହେବ। ଏଠାକାର ଲୋକଙ୍କ ମୁଖ୍ୟଜୀବିକା ଚାଷ। କେତେକେ ଜଙ୍ଗଲ ଉପରେ ମଧ୍ୟ ନିର୍ଭରଶୀଳ। ତେବେ ଏହି ଗାଁର ମାଧବ ବେହେରା । ପିତା ମାଙ୍କୁ ବେହେରା,ମା ମାଳତି ବେହେରା ।ଏକ କୃଷିଯନ୍ତ୍ର ତିଆରି କରି ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ଫୁଁକା ଗାଁଟି . ବରହମା ପାହାଡ଼ ତଳେ ଅବସ୍ଥିତ। ଏହି ଗାଁର ଚାଷୀଙ୍କ ଆଧୁନିକ ପ୍ରଣାଳୀରେ ଚାଷ ଅନେକଙ୍କ ପାଇଁ ସ୍ୱପ୍ନ ହୋଇପଡ଼ିଥିଲା। ତେବେ ମାଧବଙ୍କ କୃଷିଯନ୍ତ୍ର ଏହାକୁ ସାକାର କରିପାରିଛି। ମାଧବ କୁହନ୍ତି–ସ୍ଥାନୀୟ ରାମଗିରି କଲେଜରୁ ଯୁକ୍ତ୨ ପାସ୍ କରିବା ପରେ ଚାଷ ପ୍ରତି ମନ ବଳାଇଲି। କିନ୍ତୁ କୃଷିକ୍ଷେତ୍ର ପାଇଁ ଶ୍ରମିକ ସମସ୍ୟା ଦେଖାଦେବାରୁ ଅନେକ ଚିନ୍ତା କରି ୨୦୧୦ମସିହାରୁ କେତେକ ଯନ୍ତ୍ର ବାହାର କରିଥିଲି। ଏହାଦ୍ୱାରା ମାଟି ଖୋସିବା, ଘାସ ବାଛିବାଠାରୁ ଆରମ୍ଭ କରି ସାର ପକାଇବା ଯାଏ କାର୍ଯ୍ୟ ହୋଇପାରିଲା। ଏହି ଯନ୍ତ୍ରକୁ ନିକଟସ୍ଥ କମାରଶାଳରେ ତିଆରି କରାଗଲା ।ଏବେ ଏହି ଗୋଟିଏ ଯନ୍ତ୍ର ତିଆରି ପାଇଁ ପ୍ରାୟ ଗୋଟିଏ ଦିନ ଲାଗିବ। ଏଯାଏ ୩୦ଟି ଯନ୍ତ୍ର ବିକ୍ରି ହୋଇଛି । କେତେକ ବ୍ୟକ୍ତି ଏହି କୃଷିଯନ୍ତ୍ର ନେବାକୁ ଅଗ୍ରୀମ ବରାଦ ଦେଇଛନ୍ତି । ଗାଁରେ ଥିବା ପ୍ରାୟ ୫ ଏକର ଚାଷଜମିରେ ଏକ ଫାର୍ମ କରି ସେଥିରୁ ଭଲ ରୋଜଗାର କରିପାରୁଛି। ଏଥିଯୋଗୁ ଚାଷକାମ ସହଜରେ କରିପାରୁଛି। ଏଭଳି ଯନ୍ତ୍ରର କାର୍ଯ୍ୟକାରିତାକୁ ଦେଖି ଆଖପାଖର ଲୋକେ ଖୁବ୍ ପ୍ରଶଂସା କଲେ ଏବଂ ସେହି ଯନ୍ତ୍ରକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କଲେ। ଫଳରେ ଏହି ଯନ୍ତ୍ର ବ୍ୟବସାୟ ବି ହୋଇପାରିଲା। ଏଥିଯୋଗୁ ଜଣେ ସଫଳ ଉଦ୍ୟୋଗୀ ହୋଇପାରିଲି। ନିଜ ନାଁ ମାଧବ ବେହେରାରୁ ଏମ.ବି. ଅଲରାଉଣ୍ଡର ନାମରେ ଯନ୍ତ୍ରପାତି ତିଆରି କରି ୫ହଜାର ଟଙ୍କାରେ ବିକ୍ରି କରି ପାରୁଛି। ଇଞ୍ଜିନିୟରିଂ ପାଠ ପଢି ନାହିଁ ମାତ୍ର ଜଣେ ସାଧାରଣ ଯୁବଚାଷୀଭାବେ ନିଆରା ପରିଚୟ ସୃଷ୍ଟି କରିପାରଛି। ଏବେ ନିଜ ଫାର୍ମରେ ବିଭିନ୍ନ ପନିପରିବା ଚାଷ କରିବା ସହିତ ଗୋଲମରିଚ , ସପେଟା, ଲିଚୁ, ପଣସ, କମଳା ଗଛ ଲଗାଇଛି। ଅଧିକ ଅମଳ ପାଇଁ ଫାର୍ମରେ ପ୍ରାୟ ୧୦ଟି ମହୁବାକ୍ସ ରଖିଛି। ଗୋଲାପ ଓ ଡ଼ାଲିଆ ଫୁଲଚାଷରୁ ବାର୍ଷିକ ପ୍ରାୟ ଲକ୍ଷାଧିକ ଟଙ୍କା ରୋଜଗାର ହୋଇପାରୁଛି। ଅନ୍ୟପକ୍ଷେ ମାଧବଙ୍କ ଭାଇ ରାମଚନ୍ଦ୍ର ମଧ୍ୟ ନିଜ ଫାର୍ମରେ ଗୋଲମରିଚ ଚାଷ କରିଛନ୍ତି। ଏହି ଗୋଲମରିଚ ଗଛଗୁଡ଼ିକ ଆମ୍ବ ଓ ପିଜୁଳି ଗଛମୂଳେ ଲଗାଯାଇଛି। ଏଥିରେ ସେ ବର୍ଷକୁ ପ୍ରାୟ ୫୦ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ପ୍ରଥମେ ସେ ୧୯୮୧ ମସିହାରେ କଟକରୁ ଗୋଟିଏ ଗୋଲମରିଚ ଚାରା ଆଣିଥିଲେ। ଏବେ ପ୍ରାୟ ୧ହଜାରଟି ଗଛ ହୋଇଛି। ମାଧବଙ୍କ ଉଦ୍ୟମ ଓ ସାଧନାର ସଫଳ କାହାଣୀ ଆଉ ତାଙ୍କ ଗାଁ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏକାଧିକ ଗାଁକୁ ଏହି କାହାଣୀ ପ୍ରେରଣା ଦେଲା। ସ୍ଥାନୀୟ ଅଞ୍ଚଳର ଚାଷୀ ଏଥିଯୋଗୁ ସଫଳ ଚାଷୀ ହେବାର ସୌଭାଗ୍ୟ ହାସଲ କରିଛନ୍ତି। ଏହି ଗାଁର ରମେଶ ବେହେରା, ନଣ୍ଡା ରଇତ, ରଘୁ ବେହେରା, ରଘୁ ବଡ଼ମୁଣ୍ଡି, ବନମାଳୀ ବେହେରା ସମେତ ଏକାଧିକ ଚାଷୀ ଏହି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳି ନ ଥିଲେ ମଧ୍ୟ ଆଧୁନିକ ପ୍ରଣାଳୀରେ ମିଶ୍ରିତ ଚାଷକୁ ଆପଣେଇ ନିଜେ ସ୍ୱାବଲମ୍ବୀ ହୋଇ ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି। ତେବେ ଫୁଁକା ଗାଁର ଅଧିକାଂଶ ଚାଷୀ ଉଦ୍ୟାନ କ୍ଷେତକୁ ପସନ୍ଦ କରିଛନ୍ତି। କୃଷିର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ରହିଥିଲେ ମଧ୍ୟ ଏହି ଗାଁର ଚାଷୀମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ମିଳିପାରିଲେ ଚାଷକ୍ଷେତ୍ରରେ ଫୁଁକା ଗାଁ ନିଆରା ପରିଚୟ ସୃଷ୍ଟି କରିପାରନ୍ତା।







ମାଧବ ବେହେରା

–ବନବିହାରୀ ବେହେରା

ଫଟୋ– ବୃନ୍ଦାବନ ଗୌଡ଼

ଚିନ୍ମୟ ଚିନ୍ତନ

# ଟୁଁଉକୁ ମୂଷିଲୋ ଟୁଁଉକୁ ମୂଷି..

ଶ୍ରୀ ସନ୍ନ୍ୟାସୀ

'ଟୁଁଉକୁ ମୂଷିଲୋ ଟୁଉକୁ ମୂଷି
ଧାନ ଭରଣକ ଖାଉଥା ବସି
ତୁ ଥା ମୁଁ ଯାଉଛି ରୁଷି'

ଦୁଇ ତିନି ବର୍ଷ ବୟସର ଶିଶୁ। ଲମ୍ବା ହୋଇଥିବା ମା'ର ଦୁଇ ଗୋଡ଼ ମଝିରେ ଶୋଇଥିବ। ଖାଇବାକୁ ଅଝଟ ହେଉଥିବ। ଠିକ୍ ସେତିକିବେଳେ ମା' ପାଟିରୁ ଝରି ଆସେ ଏହି ନାନାବାୟା ଗୀତଟି। ଓଡ଼ିଶାର ଘରେ ଘରେ ଏହି ଗୀତଟିର ପରିଚିତି ଢେର। ଏଭଳି ଏକ ସୁନ୍ଦର ପଦଟିର ଲେଖକ କିଏ ? –ୟା ବାବଦରେ ମୁଁ ଓଡ଼ିଶାର ଦୁଇ ଚାରିଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ପ୍ରଶ୍ନ କଲି। ପକ୍କା ଉତ୍ତର ମିଳିଲା ନାହିଁ। ତଥାପି ପାଠକେ, ଏହାକୁ ଏକ ଲୋକଗୀତି ଭାବେ ଧରିନେଇ ଆମେ ଆଗକୁ ବଢ଼ିବା।

ପାଠକେ ! ଆମ ଓଡ଼ିଆ ସାହିତ୍ୟର ସିନ୍ଦୁକ ଭିତରେ ଏମିତି ବହୁ ଲେଖା ଅଛି, ଯାହା ଭିତରେ ଏକ ଗଭୀର ଦାର୍ଶନିକ ଚିନ୍ତାଧାରା ବା ଆଧ୍ୟାତ୍ମିକ ଭାବଧାରା ଥାଏ। ଉପରକୁ ଦିଶୁଥିବ ଗୋଟିଏ ଅର୍ଥ। କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ନେଇ ଟିକେ ତଳେଇ କରି ତର୍ଜମା କଲେ ସେଥି ମଧ୍ୟରୁ ବାହାରିଆସେ ସୁନ୍ଦର ଏକ ସନ୍ଦେଶ। ଏହା ମଧ୍ୟରେ ଥାଏ ଅବାଟରେ ବାଟ ଚାଲୁଥିବା ମଣିଷମାନଙ୍କ ପାଇଁ ଏକ ତୀବ୍ର ଚେତାବନୀ।



ଯଦି ମଣିଷକୁ ପଚରାଯାଏ–ବାବୁରେ ତୋ ଜୀବନର ଲକ୍ଷ୍ୟ କ'ଣ ? କିଏ କେତେ ପ୍ରକାର ଉତ୍ତର ଦିଅନ୍ତୁ ନା କାହିଁକି ସବୁ ଉତ୍ତର ଭୁଲ। କେବଳ ଗୋଟିଏ ଉତ୍ତର ଠିକ୍। ସେ ଉତ୍ତରଟି 'ଶ୍ରୀମଦ୍ ଭାଗବତ'ରେ ଅଛି। ଉତ୍ତର ଦେଇଛନ୍ତି ଅତିବଡ଼ୀ ଜଗନ୍ନାଥ ଦାସ। ପାଠକେ, ଏଇ ନିକଟରେ ଭାଗବତ ପୂର୍ଣ୍ଣିମା ଯାଇଛି। ଗୋଟିଏ ବହିର ଜନ୍ମ ଦିନ ! ହଁ, ଏହା କେବଳ ଏ ମାଟିରେ ସମ୍ଭବ। 'ଗୀତା' ବା 'ଭାଗବତ'କୁ ଛାଡ଼ିଦେଲେ ଗୋଟିଏ ପୁସ୍ତକର ଜନ୍ମଦିନ ପାଳନ କରିବା ବୋଧେ ପୃଥିବୀରେ ବିରଳ।

ହଁ, 'ଭାଗବତ' କହିଲେ–ହେ କଳିଯୁଗ ମଣିଷ ! ହେ ଶ୍ରୀ ସନ୍ନ୍ୟାସୀ !! ମନୁଷ୍ୟ ଜୀବନର ଲାଭ, ଯଦି ଗୋବିନ୍ଦେ କରେ ଭାବ। ଜୀବନର ଲକ୍ଷ୍ୟ ଏହା ହିଁ ହେବା ଦରକାର। ତା' ବାଦ୍ ଡାକ୍ତର, ଇଞ୍ଜିନିୟର, ଓକିଲ, ନେତା, ମନ୍ତ୍ରୀ, ରାଷ୍ଟ୍ରପତି ଏହା ପଛ କଥା। ଏବେ ଉପରୋକ୍ତ ପଦକୁ ଫେରିବା। ଏଠି ଟୁଁଉକୁ ମୂଷି କିଏ–ଧାନ ଭରଣ–ତୁ ଥା–ମୁଁ–ପୁଣି କାହିଁକି ରୁଷି କି ଯିବି ! କ'ଣ ସବୁ କଥା ?

ପାଠକେ, ଏଠାରେ ଜୀବ ଅର୍ଥାତ୍ ଆମେ ସମସ୍ତେ ହେଉଛୁ ମୂଷା। ଆମ୍ଭେ ଈଶ୍ୱରଙ୍କୁ ଛାଡି ସବୁବେଳେ ବିଷୟରେ ଉବୁଟୁବୁ ହେଲୁ। କବି ବିଷୟ ବାସନାକୁ 'ଭରଣେ ଧାନ' ସହ ତୁଳନା କରିଛନ୍ତି। ଆମେ ପ୍ରମତ୍ତ ହୋଇ ବିଷୟା ବିଷକୁ ଅହରହ ଆକଣ୍ଠ ପାନ କରି ଚାଲୁଛେ। ଆମ ଭିତରେ ଥିବା ପରମାତ୍ମା ଆମକୁ ସବୁବେଳେ ହାତଠାରି ଡାକୁଛନ୍ତି– ଆରେ ! ମୋ ଆଡକୁ ଟିକେ ଦେଖ୍। ତୋତେ ପରା ମୁଁ ସୃଷ୍ଟି କରିଛି। ମୁଁ ଏଇଠି ବସିଛି। ଥରେ ଆଖି ଫେରାଇ ଚାହାଁ। ତୋର ସବୁ ଦୁଃଖ ବିପଦ ଦୂର ହୋଇଯିବ। 'ଭରଣେ ଧାନ' ଅର୍ଥାତ ସଂସାରରୁ କ'ଣ ସୁଖ ମିଳେ କି ବାବା ?

ଏଠି ପରମାତ୍ମା ହେଉଛନ୍ତି 'ମୁଁ'ର ପ୍ରତୀକ। ପରମାତ୍ମାଙ୍କ ଡାକ ଶୁଣେ ନାହିଁ ଏ ମଣିଷ। ଗର୍ବଦମ୍ଭରେ ବାଟ ଚାଲେ। ଶାସ୍ତ୍ର ପୁରାଣ, ଗୁରୁ ବ୍ରାହ୍ମଣଙ୍କୁ ନିନ୍ଦା କରେ। ଧନ ଓ କ୍ଷମତାରେ ବୁଡି ଆହୁରି ଉଦ୍ଧତ ହୁଏ।

ଶେଷରେ 'ତୁ ଥା' ଅର୍ଥାତ ଶରୀରଟା ରହିଲା ଏଇଠି। ମୁଁ ଚାଲିଲି। 'ହରି' ଦେହରୁ ଛାଡି ଚାଲିଗଲେ। କଥା ମାନିଲାନି ଏ ଜୀବ। ବୁଝାଇ ବୁଝାଇ ଥକି ଗଲେ 'ପରମାତ୍ମା'। ମରଣ ବେଳ ଆସିଲା। ବାଧ ହୋଇ ଜୀବ ଉପରେ ଅଭିମାନ କରି ବା ରୁଷି ଆତ୍ମା ଏ ଘଟ ଛାଡିଦେଲେ।

ପାଠକେ ! ଏହି ଲୋକଗୀତଟି କେବଳ ଅବୋଧ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଆମ ପରି ଘୋର ବିଷୟାସକ୍ତ ଜୀବମାନଙ୍କ ପାଇଁ ଏକ ଦିଗ୍‌ବାରେଣୀ। ଏହାର ରଚନାକାରୀଙ୍କୁ ଶତ ଧନ୍ୟବାଦ।

–ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କୁମାର ଶରତ (ଧରିତ୍ରୀ)**

## ହାଃ ହାଃ

### ଧନୀ

ସୋନୁ ବାପାଙ୍କୁ- ବାପା ଆମେ କାଲିଠୁ ମାଲାମାଲ୍ ହୋଇଯିବା।
ବାପା- କେମିତି?
ସୋନୁ-କାଲି ପରା ଆମ ଗଣିତ ସାର୍ ପଇସାକୁ ଟଙ୍କାରେ ରୂପାନ୍ତରିତ କରିବା ଶିଖାଇବେ।

### ଫେଲ୍

ଡାକ୍ତର ମୋହନାକୁ (ଦୁଃଖରେ)- ତୁମର ଗୋଟିଏ କିଡ୍‌ନୀ ଫେଲ୍ ହୋଇଯାଇଛି।
ମୋହନା ବହୁତ କାନ୍ଦିବା ପରେ- କେତେ ମାର୍କରେ ଫେଲ୍ ହୋଇଛି।

### ଗ୍ଲାସ୍

ଡାକ୍ତର ରାମକୁ- ଦିନରେ ତୁମକୁ ଅତି କମ୍‌ରେ ୧୦ ଗ୍ଲାସ୍ ପାଣି ପିଇବାକୁ ହେବ।
ରାମ- ଅସମ୍ଭବ।
ଡାକ୍ତର- କାହିଁକି?
ରାମ- ଆମ ଘରେ ପରା ମାତ୍ର ୪ଟି ଗ୍ଲାସ୍ ଅଛି।





# ଦୁଧ୍ୱା ରାଷ୍ଟ୍ରୀୟ ଉଦ୍ୟାନ





**ଉତ୍ତରପ୍ରଦେଶର ଲକ୍ଷିମପୁର ଖେରୀ ଜିଲା ଅନ୍ତର୍ଗତ ଏକ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଦୁଧ୍ୱା ରାଷ୍ଟ୍ରୀୟ ଉଦ୍ୟାନର ବେଶ୍ ନାଁ ରହିଛି। ଏହି ଉଦ୍ୟାନଟି ଭାରତ ଓ ନେପାଳ ସୀମାକୁ ଲାଗି ପ୍ରାୟ ୪୯୦.୩ ବର୍ଗ କି.ମି.ବିଶିଷ୍ଟ ଏକ ବିଶାଳ କ୍ଷେତ୍ର ଉପରେ ଗଢ଼ିଉଠିଛି। ଫଳରେ ଏହାକୁ ଅନେକେ ଉତ୍ତରପ୍ରଦେଶର ଏକ ବଡ଼ ତଥା ସମୃଦ୍ଧ ଜୈବବିବିଧତା କ୍ଷେତ୍ର ବୋଲି କହିଥାନ୍ତି। ଏହା ମୁଖ୍ୟତଃ ବାଘ ଓ ବାରଶିଙ୍ଗାଙ୍କ ପାଇଁ ପ୍ରସିଦ୍ଧି ଲାଭ କରିପାରିଛି...**







### ଇତିହାସ

୧୮୭୯ ମସିହାରେ ଦୁଧ୍ୱାରେ ବାଘମାନଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା। ହେଲେ ପରେ ୧୯୫୮ ମସିହାରେ ଏହା ବାରଶିଙ୍ଗାଙ୍କ ସୁରକ୍ଷା ନିମନ୍ତେ ଏକ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ରର ମାନ୍ୟତା ପାଇବା ସହିତ ୧୯୭୭ରେ ରାଷ୍ଟ୍ରୀୟ ଉଦ୍ୟାନର ପରିଚିତି ପାଇଲା। କିନ୍ତୁ ପୁନର୍ବାର ୧୯୮୭ରେ ଏଠାରେ 'ପ୍ରୋଜେକ୍ଟ ଟାଇଗର' ଉପରେ ବିଶେଷ ଧ୍ୟାନ ଦିଆଯାଇ କ୍ରିଷ୍ଣାପୁର ବନ୍ୟପ୍ରାଣୀ ଅଭୟାରଣ୍ୟ ଓ କତରନିଆଘାଟ ବନ୍ୟପ୍ରାଣୀ ଅଭୟାରଣ୍ୟର ମିଳିତ ସହଯୋଗରେ ଏହା ଦୁଧ୍ୱା ଟାଇଗର ରିଜର୍ଭ ଭାବେ ସ୍ୱତନ୍ତ୍ର ପରିଚୟ ପାଇଲା।

### କେବେ ଯିବେ

ଏଠାରେ ମାର୍ଚ୍ଚରୁ ମେ' ପର୍ଯ୍ୟନ୍ତ ଖରା, ଜୁନ୍‌ରୁ ସେପ୍ଟେମ୍ବର ବର୍ଷା ଓ ଅକ୍ଟୋବରରୁ ଫେବୃୟାରୀ ଶୀତଋତୁ ଅନୁଭୂତ ହୋଇଥାଏ। କୁହାଯାଏ, ଖରାଦିନେ ଏଠାରେ କୁଆଡ଼େ ପ୍ରବଳ ଗରମ ହୋଇଥାଏ। ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିଯାଏ। ସେହିପରି ବର୍ଷା ବି ଏଠାରେ ଭଲ ହୋଇଥାଏ। ତେଣୁ ଖରା ଓ ବର୍ଷା ସମୟକୁ ଛାଡ଼ି ବାକି ଦିନରେ ଏଠାକୁ ଗଲେ ବୁଲିବାକୁ ସହଜ ଓ ସୁବିଧା ହୋଇଥାଏ। କାରଣ ଏହି ସମୟରେ ଏଠାକାର ତାପମାତ୍ରା ୧୫ରୁ ୨୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ।

### କେମିତି ଯିବେ

ଏହି ଅଭୟାରଣ୍ୟ ନିକଟକୁ ଯିବା ପାଇଁ ଉଭୟ ସଡ଼କପଥ, ରେଳପଥ ତଥା ଆକାଶପଥର ଭଲ ସୁବିଧା ରହିଛି। ଦୁଧ୍ୱା ରେଲ୍‌ୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ, ଯାହା ଅଭୟାରଣ୍ୟଠାରୁ ମାତ୍ର ୪ କି.ମି. ଦୂରରେ ଅବସ୍ଥିତ। ସେହିପରି ଲକ୍ଷ୍ନୌସ୍ଥିତ ଚୌଧୁରୀ ଚରଣ ସିଂ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ତେବେ ଉଭୟ ରେଳଷ୍ଟେଶନ ଓ ବିମାନବନ୍ଦରଠାରୁ ଉକ୍ତ ଅଭୟାରଣ୍ୟ ନିକଟକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ରହିଛି। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ଯୋଗେ ବି ଯିବାର ସୁବିଧା ରହିଛି।

### କ'ଣ ଦେଖିବେ

ପର୍ଯ୍ୟଟକ ଉକ୍ତ ଅଭୟାରଣ୍ୟରେ ବହୁ ବିରଳ ପଶୁପକ୍ଷୀ ଦେଖିବାର ସୁଯୋଗ ପାଇଥାନ୍ତି। ଖାସ୍‌କରି ବାଘ ଓ ବାରଶିଙ୍ଗା ଏଠାରେ ଅଧିକ ଦେଖିବାକୁ ମିଳିଥାଏ। କୁହାଯାଏ, ସାରା ବିଶ୍ୱରେ ଯେତେ ବାରଶିଙ୍ଗା ଅଛନ୍ତି, ତନ୍ମଧ୍ୟରୁ ପ୍ରାୟ ଅଧା କେବଳ ଏହି ଦୁଧ୍ୱା ଅଭୟାରଣ୍ୟରେ ହିଁ ଦେଖିବାକୁ ମିଳେ। ସେହିପରି ଅନ୍ୟ ପ୍ରାଣୀଙ୍କ ଭିତରେ ଚିତାବାଘ, ଭାଲୁ, ସମ୍ବର, ଚିତ୍ରା ହରିଣ, ବୋବାଉଥିବା ହରିଣ, ନୀଳଗାଈ, ହେଟାବାଘ, ଜଙ୍ଗଲୀ ବିଲେଇ, ଚିତ୍ରା ବିଲେଇ, ନେଉଳ, ବିଲୁଆ, କୋକିଶିଆଳି, ଠେକୁଆ, ମାଙ୍କଡ଼ ଇତ୍ୟାଦି ବି ଏଠାରେ ଦେଖାଯାଇଥାନ୍ତି। ଅନ୍ୟପକ୍ଷେ ୩୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କୁ ଦେଖିବାର ସୁଯୋଗ ମଧ୍ୟ ମିଳିଥାଏ। ଖାସ୍‌କରି ମୟୂର, ଧୂସର ରଙ୍ଗର ଏକପ୍ରକାର ଶିକାରୀ ପକ୍ଷୀ, ହରଡ଼ ଚଢ଼େଇ ପରି ଖାଇବାଯୋଗ୍ୟ କ୍ଷୁଦ୍ର ପକ୍ଷୀ, ଗେଣ୍ଡାଳିଆ ଜାତୀୟ ପକ୍ଷୀ, ଚାତକ ପକ୍ଷୀ, କର୍କଶ ରାବ କରୁଥିବା ରାତ୍ରିକାଳୀନ ପକ୍ଷୀ, ମାଛରଙ୍କା, ବୁଲ୍‌ବୁଲ୍, କାଠହଣା, ରଙ୍ଗିନ ପର ଥିବା କୁଆଜାତୀୟ ପକ୍ଷୀ, ଛଞ୍ଚାଣ, ଚିଲ, ଶାଗୁଣା ଇତ୍ୟାଦିଙ୍କୁ ପ୍ରାୟତଃ ପର୍ଯ୍ୟଟକ ଏଠାରେ ଦେଖିଥାନ୍ତି। ଆଉ ଶୀତଦିନ ହେଲେ ଅନେକ ଭ୍ରମଣକାରୀ ପକ୍ଷୀଙ୍କର ବି ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ, ଯାହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କର ସୁଅ ଛୁଟେ। ସେହିପରି ଅଭୟାରଣ୍ୟ ମଧ୍ୟରେ ଥିବା ଏକ ଜଳାଶୟରେ ବିଭିନ୍ନ ପ୍ରଜାତିର ରଙ୍ଗିନ ମାଛ ଦେଖିବାର ସୁଯୋଗ ମିଳିଥାଏ। ତା'ଛଡ଼ା ଅଭୟାରଣ୍ୟ ଭିତରେ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ରହିଛି, ଯେଉଁଠାରେ ବହୁ ଔଷଧୀୟ ବୃକ୍ଷ ଥିବା ଦେଖାଯାଏ। ଏହାକୁ ଦେଖିବା ଓ ପରୀକ୍ଷା ନିରୀକ୍ଷା କରିବାକୁ ଅଧିକାଂଶ ସମୟରେ ବହୁ ଉଦ୍ଭିଦ ବିଜ୍ଞାନୀ ଏଠାକୁ ଆସିଥାନ୍ତି। ଖାସ୍‌କରି ଏହି ଅଭୟାରଣ୍ୟ ପରିସରରେ ବହୁ ପରିମାଣରେ ଶାଳଗଛ ଦେଖିବାକୁ ମିଳିଥାଏ।








# ନୀଳ ରାସ୍ତା

ରାସ୍ତାର ରଙ୍ଗ ସମସ୍ତେ କଳା ହିଁ ଜାଣନ୍ତି। ହେଲେ ନିକଟରେ କତାରର ଦୋହାରେ ଦେଖିବାକୁ ମିଳିଥିଲା ନୀଳ ରଙ୍ଗର ରାସ୍ତା। କାରଣ ଏହାର ସମସ୍ତ ରାସ୍ତାକୁ ନୀଳ ରଙ୍ଗରେ ରଙ୍ଗାଯାଉଛି। ଆଉ ଏହା ପଛର କାରଣ ହେଉଛି ତାପମାତ୍ରା ନିୟନ୍ତ୍ରଣ କରିବା। ନୀଳ ରଙ୍ଗ କରିବା ପରେ ତାପମାତ୍ରାରେ କିଭଳି ପରିବର୍ତ୍ତନ ଆସୁଛି ଜାଣିବା ପାଇଁ ସେନ୍ସର ବି ଲଗାଯାଇଛି। ବୈଜ୍ଞାନିକଙ୍କ ମତରେ କଳା ରଙ୍ଗ ଅପେକ୍ଷା ନୀଳରଙ୍ଗର ରାସ୍ତା ସୂର୍ଯ୍ୟର ରେଡିଏଶନ୍‌କୁ ୫୦% କମେଇଦେଇଥାଏ। ଏହାପୂର୍ବରୁ ଲସ୍‌ଆଞ୍ଜେଲସ୍, ମକ୍କା ଓ ଟୋକିଓର ରାସ୍ତା ବି ନୀଳ ରଙ୍ଗରେ ରଙ୍ଗାଯାଇଛି।

## କାର୍ଟୁନ କର୍ନର



# ମହତ୍ ଉଦ୍ଦେଶ୍ୟ ରଖି ସୃଷ୍ଟି ହୋଇଥିଲା 'ବିଶ୍ୱଦରବାର'


କିଶୋରଚନ୍ଦ୍ର ମିଶ୍ର

କିଶୋରଚନ୍ଦ୍ର ମିଶ୍ରଙ୍କୁ ଓଡ଼ିଶାର ଅଗଣିତ ଯାତ୍ରାପ୍ରେମୀ ହୁଏତ ଜଣେ ପ୍ରଯୋଜକ ଭାବେ ଜାଣିଥାଇ ପାରନ୍ତି। ମାତ୍ର ସେ କେବଳ ପ୍ରଯୋଜକ ନୁହନ୍ତି; ସେ ଜଣେ ଦରଦୀ ମଣିଷ ମଧ୍ୟ। ଅନ୍ୟର ଖୁସିରେ ସେ ଖୁସୀ ହୁଅନ୍ତି। ଆଉ ଅନ୍ୟର ଦୁଃଖ ତାଙ୍କୁ ଦୁଃଖୀ କରିଦିଏ। ଖାସ୍ ସେଇଥିପାଇଁ ୨୦୧୪, ଜାନୁୟାରୀରେ ସେ ଆରମ୍ଭ କରିଥିଲେ 'ଯାତ୍ରାଶ୍ରୀ ବିଶ୍ୱଦରବାର'। ଉଦ୍ଦେଶ୍ୟ କିଛି କଳାକାର ଆଉ କଳାକୁ ଭରସା କରି ବଞ୍ଚୁଥିବା ଲୋକଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କ ପରିବାରରେ ଖୁସି ଭରିଦେବା। ୧୯୯୧ ମସିହାରୁ କିଶୋରବାବୁ ଯାତ୍ରା ସହିତ ଜଡ଼ିତ ଥିଲେ। ଓଡ଼ିଶାର ଅଧିକାଂଶ ଯାତ୍ରାପାର୍ଟିକୁ ଟେଣ୍ଟ ତଥା ଚେୟାର ଯୋଗାଉଥିଲେ। ଯାତ୍ରାକୁ ନେଇ ତାଙ୍କର ଅନୁଭୂତି ଓ ଅଭିଜ୍ଞତା ଥିଲା। ତେଣୁ ଅନୁଷ୍ଠାନ କରିବାରେ କୌଣସି ଅସୁବିଧା ହୋଇ ନ ଥିଲା। ଇତିମଧ୍ୟରେ ପାର୍ଟିକୁ ୬ ବର୍ଷରୁ ଅଧିକ ହୋଇଗଲାଣି। କିଶୋରବାବୁ କହନ୍ତି: ଦୁଇଶହ ଲୋକଙ୍କୁ ନେଇ ଗୋଟିଏ ପାର୍ଟି କଲେ ସମସ୍ୟା ତ ରହିବ। ପୁଣି ଯାତ୍ରାପାର୍ଟିକୁ ନାନାଦି ଦୈବୀ ଦୁର୍ବିପାକକୁ ସାମ୍ନା କରିବା ପାଇଁ ହୋଇଥାଏ। ତେବେ ସେସବୁ କଷ୍ଟକୁ ଭୁଲି ହୋଇଯାଏ ଯେତେବେଳେ ଅନୁଷ୍ଠାନ ସହ ଜଡ଼ିତ ଦୁଇଶହ ପରିବାର ମୁହଁରେ ହସ ଫୁଟିଉଠେ। ଏହା କିଛି କମ୍ ଆତ୍ମସନ୍ତୋଷ ଆଣିଦିଏନି। ଏବେ ଯାତ୍ରାପାର୍ଟି ସବୁ ଲସ୍ କରୁଛନ୍ତି। ତାହାର କାରଣ ଭାବରେ କିଶୋରବାବୁ କହନ୍ତି, ଯାତ୍ରା ପ୍ରତି ଦର୍ଶକମାନଙ୍କ ରୁଚି କମୁଛି। ଟିକେଟ୍ ଦର ବଢ଼ିଛି। ପୁଣି ଟିଭି ଚ୍ୟାନେଲଗୁଡ଼ିକରେ ଯାତ୍ରା ସବୁ ଆସୁଥିବାରୁ ଲୋକମାନେ ନିଜ ଘରେ ଦେଖୁଛନ୍ତି। କାହିଁକି ରାତି ଅନିଦ୍ରା ହୋଇ ଯାତ୍ରା ଦେଖିବାକୁ ଆସିବେ। ପୁଣି ସେ କହନ୍ତି ଯେ, ଯାତ୍ରାର ଦର୍ଶକ ହାତଗଣତି କିଛି କଳାକାରଙ୍କୁ ଦେଖିବାକୁ ଚାହୁଁଛନ୍ତି। ସେମାନଙ୍କୁ ବଡ଼ କରିଦେଉଛନ୍ତି, ଯଦ୍ଦ୍ୱାରା ସେମାନେ ପ୍ରଯୋଜକଙ୍କଠାରୁ ଆଶାଠୁ ବହୁ ଅଧିକ ଦାବି କରୁଛନ୍ତି। ଫଳରେ ପ୍ରଯୋଜକଟି ଅନାବଶ୍ୟକ ଖର୍ଚ୍ଚବୃଦ୍ଧିର ଶିକାର ହେଉଛି। ସେହି ଅନୁଯାୟୀ ରିଟର୍ନ ଆସୁନି। ଏସବୁକୁ ବିଚାରକୁ ନିଆଯିବା ଦରକାର। ତା'ସତ୍ତ୍ୱେ ବି 'ଯାତ୍ରାଶ୍ରୀ ବିଶ୍ୱଦରବାର' ପ୍ରତିବର୍ଷ ଭଲ ନାଟକ ଦର୍ଶକଙ୍କୁ ଦେଇ ଆସୁଛି। ଆଉ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠାନ ଶିକ୍ଷଣୀୟ ବିଷୟ ତଥା ସମାଜକୁ ଦିଗ୍‌ଦର୍ଶନ ଦେବା ଭଳି କାହାଣୀ ନେଇ ନାଟକ ସୃଷ୍ଟି କରିବ ବୋଲି କହନ୍ତି କିଶୋରଚନ୍ଦ୍ର।

# ହାସ୍ୟ ନାୟିକାରୁ ମୁଖ୍ୟ ନାୟିକା

ଜୀବନ ଯଦି ଗୋଟେ ଗତି ହୁଏ ତା'ହେଲେ କେହି ଜାଣେନା ସେ ଗତିର ଗତିପଥ କୁଆଡ଼େ? ଜୀବନ ତା' ନିଜ ଇଚ୍ଛାରେ ଚାଲେ। ନିଜ ଇଚ୍ଛାରେ ମୋଡ଼ ନିଏ। ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଚୁଲ୍‌ବୁଲି ନାୟିକା ତଥା ପୋଖତ ଅଭିନେତ୍ରୀ ଟିଙ୍କିନାଙ୍କ କଥା ଦେଖାଯାଉ। ଇଚ୍ଛା ଥିଲା ପାଠ ପଢ଼ିବେ। ବହୁତ କଥା ଶିଖିବେ। ଶ୍ରେଣୀ ପରେ ଶ୍ରେଣୀ ଡେଇଁ ଚାଲିବେ। ମାତ୍ର ତାଙ୍କ ପାଇଁ ଆଉ କିଛି ଲେଖାହୋଇ ରହିଥିଲା। ପାଠ ସିନା ପଢ଼ି ପାରିଲେନି। ହେଲେ ସେ ପାଲଟିଗଲେ ଶହଶହ ଯାତ୍ରାପ୍ରେମୀ ଦର୍ଶକଙ୍କ ହୃଦୟର ରାଣୀ। କଟକ ଜିଲାର ନିଆଳି। ସେଇ ପାଖରେ ଗୋଟିଏ ଗାଁ– ଶଗଡ଼େଇଲୋ। ଶଗଡ଼େଇଲୋ ଗାଁର ଜଣେ ବାସିନ୍ଦା ହେଉଛନ୍ତି ବ୍ରହ୍ମାନନ୍ଦ ସ୍ୱାଇଁ। ବ୍ରହ୍ମାନନ୍ଦଙ୍କ ଝିଅ ହେଉଛନ୍ତି ନାୟିକା ଟିଙ୍କିନା। ମା' ତାରାଦେବୀ। ବ୍ରହ୍ମାନନ୍ଦ ଓ ତାରାଦେବୀଙ୍କ ଆଖିର ତାରା ଥିଲେ ଟିଙ୍କିନା। ସ୍କୁଲ୍‌କୁ ଯାଉଥିଲେ। ସ୍ୱପ୍ନ ଦେଖୁଥିଲେ ଖୁବ୍ ପାଠ ପଢ଼ିବେ। ତେବେ ଘରର ପରିସ୍ଥିତି ଏତେ ଭଲ ନ ଥିଲା ଯେ, ସେ ପାଠ ପଢ଼ିପାରିବେ। ଟିଙ୍କିନା ଟିକି ଝିଅ ହୋଇଥିଲେ ମଧ୍ୟ ଥିଲେ ବେଶ୍ ସମଝ୍‌ଦାର। ପାଠପଢ଼ାରେ ଡୋରି ବାନ୍ଧିଲେ। ସେ ବାପାଙ୍କୁ ଦେଖୁଥାନ୍ତି। ବାପା ସେମାନଙ୍କୁ ଭଲରେ ରଖିବା ପାଇଁ, ସେମାନଙ୍କୁ ଖାଇବାକୁ ଦବା ପାଇଁ ଦିନରାତି ପରିଶ୍ରମ କରୁଥାନ୍ତି। ଟିଙ୍କିନା ଭାବୁଥାନ୍ତି, ସେ କିଛି ରୋଜଗାର କରିପାରନ୍ତେ କି? ବାପାଙ୍କ କାନ୍ଧରେ କାନ୍ଧ ମିଶେଇ ପାରନ୍ତେ କି? ନା, ସେମିତି କିଛି ହେଉ ନ ଥିଲା। ତା'ଛଡ଼ା ସେ କୁନି ପିଲାଟେ ଥିଲେ। କ'ଣ ବା କରିପାରିଥାନ୍ତେ?

ଏମିତି ଦିନ ବିତୁଥାଏ। ଗାଁକୁ ଆସିଲା ଜୟଦୁର୍ଗା ଅପେରା। ସେଇ ଅପେରାର ଜଣେ ସଦସ୍ୟ ଥାଆନ୍ତି ଅନିଲ ମିଶ୍ର। ଅନିଲ ଯେତେବେଳେ ଟିଙ୍କିନାଙ୍କୁ ଦେଖିଲେ ସେତେବେଳେ ସେ ଜାଣିନେଲେ ଯେ, ଏଇ ଟିକି ଝିଅଟି ଭିତରେ ଭବିଷ୍ୟତର ଜଣେ ନାୟିକା ଲୁଚି ରହିଛି। ବାସ୍ତବରେ ସୁନା ଚିହ୍ନିପାରୁଥିବା ଜଣେ ବଣିଆ ଥିଲେ ଅନିଲବାବୁ। ସେ ବା କେମିତି ଟିଙ୍କିନାଙ୍କ ଭିତରେ ଥିବା ଗୁଣକୁ ବାରି ପାରି ନ ଥାନ୍ତେ। ତାଙ୍କ ମା'ବାପାଙ୍କ ସହିତ କଥାବାର୍ତ୍ତା କରି ତାଙ୍କୁ ନେଇଆସିଲେ ଯାତ୍ରାକୁ। ମାତ୍ର ୧୨ବର୍ଷ ବୟସରେ ଜୟଦୁର୍ଗା ଅପେରାରେ ଯୋଗଦେଲେ ଟିଙ୍କିନା। ପରେପରେ ଆସି ଯୋଗଦେଲେ ଓଡ଼ିଶା ଅପେରାରେ। ଓଡ଼ିଶା ଅପେରାରୁ ଆସିଲେ ଶିବାନୀ ଗଣନାଟ୍ୟ। ଶିବାନୀ ଗଣନାଟ୍ୟରେ ପ୍ରଥମେ ସେ ହାସ୍ୟ ଅଭିନେତ୍ରୀ ଭାବରେ ମଞ୍ଚକୁ ଆସିଲେ ଏବଂ ଲୋକମାନଙ୍କୁ ବେଦମ୍ ହସେଇଲେ। ସେତେବେଳକୁ ତାଙ୍କୁ ୧୫ବର୍ଷ। ଶିବାନୀରେ ସେତେବେଳେ ଖଳ ଚରିତ୍ରରେ ଅଭିନୟ କରୁଥାନ୍ତି ପ୍ରସିଦ୍ଧ ଖଳ ଅଭିନେତା ଶୁଭେନ୍ଦୁ। ଶୁଭେନ୍ଦୁଙ୍କୁ ହିଁ ସେ ଜୀବନ ସାଥୀ ଭାବରେ ଗ୍ରହଣ କଲେ। ଇତିମଧ୍ୟରେ ଅନେକ ଦିନ ଅତିକ୍ରାନ୍ତ ହୋଇଯାଇଛି। ଶଗଡ଼େଇଲୋ ଗାଁର ସେଇ ଟିକିଝିଅଟି ଆଜି ଓଡ଼ିଆ ଯାତ୍ରା ଜଗତରେ ଜଣେ ସ୍ୱନାମଧନ୍ୟା ଅଭିନେତ୍ରୀ। ଏହି ସମୟ ମଧ୍ୟରେ ସେ କଳିଙ୍ଗ, ମା' ତାରିଣୀ, ରଙ୍ଗମହଲ, ସ୍ୱର୍ଣ୍ଣମହଲ ଆଦି ଅନୁଷ୍ଠାନରେ ଅଭିନୟ କରି ଆସି ପହଞ୍ଚିଛନ୍ତି ଯାତ୍ରାଶ୍ରୀ ବିଶ୍ୱଦରବାରରେ। ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି ଫଗୁଣ ଦେଇଛି ପହିଲି ଚିଠି, ଶୂନ ଫୋଟକା, ବେତାଳ କଥା, ଭଲ ପାଇବାକୁ ଭୟ ଲାଗୁଛି, ଗୁପ୍ତ ସମ୍ପର୍କ, ଚଉଠି ରାତିର ଚଉଦ କଥା, ବରଷା ରାତିର ସାଥୀ ଏବଂ ଆହୁରି ଅନେକ।


ଟିଙ୍କିନା

## ପୁସ୍ତକ ସମୀକ୍ଷା

### ଉପଦେବତା

ଗାଳ୍ପିକ : ମଣିରାମ ଜେନା
ପ୍ରକାଶକ : ଏଥେନା ବୁକ୍ସ, ଭୁବନେଶ୍ୱର
ମୂଲ୍ୟ : ଟ୧୬୦/–

ଓଡ଼ିଶାର ଜଣାଶୁଣା ଯୁବ ଲେଖକ ଡ. ମଣିରାମ ଜେନାଙ୍କ ସଦ୍ୟତମ ଗଳ୍ପ ପୁସ୍ତକ 'ଉପଦେବତା' ହସ୍ତଗତ ହୋଇଛି। ୧୬୦ ପୃଷ୍ଠାର ଏହି ସଂକଳନଟିକୁ ପ୍ରକାଶ କରିଛି ଓଡ଼ିଶାର ଲୋକପ୍ରିୟ ପ୍ରକାଶନୀ ସଂସ୍ଥା ଏଥେନା ବୁକ୍ସ। ସଂକଳନରେ ରହିଛି ମୋଟ୍ ୧୨ଟି ଗଳ୍ପ। ସଂକଳନର ପ୍ରଥମ ଗଳ୍ପ 'ଝୁମୁରି ଫେରିଛି'। ଗୋଟିଏ ବିରାଡ଼ିର ନାମ ଝୁମୁରି। ଝୁମୁରି କେବଳ ଗୋଟେ ବିରାଡ଼ି ନୁହେଁ; ଏହା ପରିବାରର ଏକ ସଦସ୍ୟ। ତା'ର ଆଚରଣ ଓ ବୟପ୍ରାପ୍ତିକୁ ନେଇ ରଚିତ ଗପଟି ବେଶ୍ ଚମତ୍କାର। ଶୀର୍ଷକ ଗପ 'ଉପଦେବତା'ରେ ରହିଛି କିନ୍ନରମାନଙ୍କ ମହାନତାର କାହାଣୀ। ସେମାନଙ୍କ ଭିତରେ ହୃଦୟ ଅଛି। ସେ ହୃଦୟ ଭିତରେ ସହାନୁଭୂତି ବି ରହିଛି। ଗୋଟିଏ ଝିଅକୁ ଧର୍ଷିତା ହେବାରୁ ରକ୍ଷା କରି ସେମାନେ ସେମାନଙ୍କ ମହାନତାର ପରିଚୟ ଦେଇଛନ୍ତି। ସଂକଳନସ୍ଥ ପ୍ରତ୍ୟେକ ଗଳ୍ପ ପଠନୀୟ ଆଉ ସଂଗ୍ରହଣୀୟ।




### ତୁମ କଥା ମନେପଡ଼େ

ଲେଖକ : ଡ. ଭି. ରାଜେନ୍ଦ୍ର ରାଜୁ
ପ୍ରକାଶକ : ପ୍ରଭାତ ପବ୍ଲିକେଶନ, ବ୍ରହ୍ମପୁର
ମୂଲ୍ୟ : ଟ୧୦୦/–

ଚଉଦଟି ନାତିଦୀର୍ଘ ଗପକୁ ନେଇ ପ୍ରକାଶିତ ହୋଇଛି ପୁସ୍ତକ 'ତୁମ କଥା ମନେପଡ଼େ'। ଡ. ଭି. ରାଜେନ୍ଦ୍ର ରାଜୁଙ୍କ ଦ୍ୱାରା ରଚିତ ଏହି ପୁସ୍ତକଟିକୁ ପ୍ରକାଶ କରିଛି ବ୍ରହ୍ମପୁରର ପ୍ରଭାତ ପବ୍ଲିକେଶନ। ଗପଗୁଡ଼ିକ ଲେଖକଙ୍କ ସ୍ୱପ୍ନରୁ ଆସିଛି; ଯାହା ଭିତରେ ବାସ୍ତବତାର କଞ୍ଚାମାଲ ଭରପୂର ହୋଇ ରହିଛି। ସ୍ୱୟଂ ଲେଖକ ନିଜ ଭାଷାରେ କହନ୍ତି, 'ଜୀବନର ଅନେକ ସ୍ୱପ୍ନକୁ ବୁଝିପାରିବା ଭିତରେ ରଚନା କରିଥିଲି କିଛି ଗଳ୍ପ।' ସଂକଳନର ପ୍ରଥମ ଗଳ୍ପ 'ପ୍ରତୀକ୍ଷା'। ଗପଟିର ଆରମ୍ଭ ବେଶ୍ ଚମତ୍କାର; ଯେମିତିକି– ଉଡ଼ାଜାହାଜଟି ଆକାଶରେ ଉଡୁଛି। ମଝିରେ ମଝିରେ ଟିକେ ଥରିଯାଏ। ଯାତ୍ରୀମାନଙ୍କ ମନରେ ନାନା ଭାବନା ସୃଷ୍ଟି କରେ। କେହି କେହି ରାଗି ଯାଆନ୍ତି। ସଂକଳନଟି ପାଠକାଦୃତ ହେବା ଆଶା କରାଯାଏ।

### ଅସ୍ତାରୁଣର ସୁରଭି

ଔପନ୍ୟାସିକା : ସୌମ୍ୟା ସାରସ୍ୱତା ପଣ୍ଡା
ପ୍ରକାଶକ : ବି.କେ. ପବ୍ଲିକେଶନ, ଭୁବନେଶ୍ୱର
ମୂଲ୍ୟ : ଟ୧୯୫/–

'ଅସ୍ତାରୁଣର ସୁରଭି' ହେଉଛି ସୌମ୍ୟା ସାରସ୍ୱତା ପଣ୍ଡାଙ୍କର ପ୍ରଥମ ଉପନ୍ୟାସ। ଏହା ମଧ୍ୟ ତାଙ୍କର ପ୍ରଥମ ସାରସ୍ୱତ ସୃଷ୍ଟି। ଉପନ୍ୟାସର କଥାବସ୍ତୁ ତ୍ରିକୋଣୀୟ ପ୍ରେମ ଉପରେ ପର୍ଯ୍ୟବସିତ। ଉପନ୍ୟାସର କେନ୍ଦ୍ର ଚରିତ୍ର ମାତ୍ର ତିନିଜଣ। ନାୟିକା ସୁରଭି, ସ୍ୱାମୀ ତାପସ ଓ ପ୍ରେମିକ ଅରୁଣ। ପ୍ରେମିକା ସୁରଭି ତାପସକୁ ବାହା ହେଇ ସ୍ତ୍ରୀ ହୋଇ ଯାଇଛି। ମାତ୍ର ପ୍ରେମିକ ଅରୁଣ ତଥାପି ତା' ଭିତରେ କୋଉଠି ନା କୋଉଠି ବସିରହିଛି। ତେଣୁ ଅବଚେତନରେ ସୁରଭି ଯେ କେବଳ ଅରୁଣର ସେକଥା ଉପନ୍ୟାସ ପଢ଼ିବା ବେଳେ ଖୁବ୍ ଅନ୍ତରଙ୍ଗ ଭାବରେ ବାରିହୁଏ। ଉପନ୍ୟାସର ପରିସମାପ୍ତି ବି ଭାରି ମର୍ମିଳ। ତାପସର କିଡ୍‌ନୀ ଖରାପ ହୁଏ। ତାପସକୁ କିଡ୍‌ନୀ ଦବାକୁ ପ୍ରସ୍ତୁତ ହୋଇଯାଏ ଅରୁଣ। ସୌମ୍ୟା ପ୍ରେମର ଏଇ ଯେଉଁ ପ୍ରୋଟୋଟାଇପ୍ ପ୍ରସ୍ତୁତ କରିଛନ୍ତି ତାହା ନିଶ୍ଚୟ ମନକୁ ଛୁଇଁବ ବୋଲି ଆଶା।



# କଲରିଂ ବୁକ୍ କାଫେ

ଟୋକିଓ, ଶିନ୍ ଓବୁକୋର '୨ଡି କାଫେ' ଏବେ ବେଶ୍ ଲୋକପ୍ରିୟତା ହାସଲ କରିଛି। ଖାସ୍‌କରି ପିଲାମାନଙ୍କୁ ଏହା ବେଶ୍ ଭଲ ଲାଗୁଛି। କାରଣ ଏହା ସେମାନଙ୍କୁ କୌଣସି ରେଖାଚିତ୍ରର ଦୁନିଆରେ ଥିବା ପରି ଅନୁଭୂତି ପ୍ରଦାନ କରିଥାଏ। କାଫେ ମଧ୍ୟକୁ ପ୍ରବେଶ କଲେ ଏହା କୌଣସି ଚିତ୍ରକରର ଅସମ୍ପୂର୍ଣ୍ଣ ତଥା ରଙ୍ଗବିହୀନ କଳାଧଳା ରେଖା ଚିତ୍ରର ଦୁନିଆ ଭଳି ଲାଗିଥାଏ। ଏଠାକାର ଚେୟାର, ଟେବୁଲଠାରୁ ଆରମ୍ଭ କରି କବାଟ, ଝରକା, ପରଦା, ସାଜସଜ୍ଜା ସାମଗ୍ରୀ ସବୁକିଛି ରେଖାଚିତ୍ର ଭଳି କରାଯାଇଛି। ତେଣୁ ଏବେ ଏହା ଟୋକିଓର ଏକ ସେଲ୍ଫି ସ୍ପଟ୍ ପାଲଟିଯାଇଛି।

# ସର୍ବୋଚ୍ଚ ରୋପ୍‌ ୱେରେ ଚାଲି ରେକର୍ଡ

ଜର୍ମାନୀର ସର୍ବୋଚ୍ଚ ପର୍ବତ ଜୁଗ୍‌ସପିଜ୍‌ର ଉଚ୍ଚତା ୯୭୧୮ ଫୁଟ୍। ଏଠାରେ ଥିବା ୯୯୫ ମିଟର ଲମ୍ବ ରୋପ୍‌ୱେରେ ସୁଇଜରଲାଣ୍ଡର ୪୬ ବର୍ଷୀୟ ଫ୍ରେଡି ନକ୍ ସନ୍ତୁଳନ ରକ୍ଷା କରି ଚାଲି କରିଛନ୍ତି ରେକର୍ଡ। ଲୁହାର ରୋପ ୱେରେ ଚାଲି ସର୍ବୋଚ୍ଚ ଶିଖରରେ ପହଞ୍ଚିବାକୁ ତାଙ୍କୁ ୯୦ ମିନିଟ ସମୟ ଲାଗିଥିଲା। ଏତେ ଉଚ୍ଚତାରୁ ସନ୍ତୁଳନ ରକ୍ଷା କରି ଚାଲିବା ଥିଲା ବହୁତ କଷ୍ଟକର। ଆଉ ଜୀବନ ପ୍ରତି ବିପଦ ବି ଥିଲା। ଏମିତି କି ସନ୍ତୁଳନ ରକ୍ଷା ପାଇଁ କୌଣସି ବାଲାନ୍ସିଂ ପୋଲ୍ ବି ଧରି ନ ଥିଲେ। ନିଜର ଦୁଇ ହାତକୁ ମେଲାଇ ସନ୍ତୁଳନ ରକ୍ଷା କରୁଥିଲେ। ସେ ଏତେ ସାହସୀ ଯେ, ରୋପ୍ ୱେରେ ଚାଲିବା ସହ ଦୌଡି ବି ପାରନ୍ତି। ସବୁଠାରୁ ଲମ୍ବା ଓ ସମୁଦ୍ରପତ୍ତନଠାରୁ ଉଚ୍ଚତମ ରୋପ ୱେରେ ଚାଲି ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି।



ବ୍ୟାକ୍ ପେଜ୍

# କୃଷକଙ୍କ ପୁଅ ତିଆରି କଲେ ହେଲିକପ୍ଟର

ରାଜସ୍ଥାନ, ଦୌସାର ବାନ୍ଦିକୁଇ କ୍ଷେତ୍ରସ୍ଥ ଆଭାନେରୀ ଗ୍ରାମପଞ୍ଚାୟତର ଦୁଇହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମର ଚେତରାମ ଗୁଜ୍ଜର। ଅଭାବ ଅନଟନ ଓ ବିଭିନ୍ନ ବିଷମ ପରିସ୍ଥିତିରେ ଥାଇ ବି ସେ ଏମିତି ଏକ ଜିନିଷ ତିଆରି କରିଛନ୍ତି ଯାହା ସମସ୍ତଙ୍କୁ ଚକିତ କରିଛି। ତାହା ହେଉଛି ଏକ ଉଡି ପାରୁଥିବା ହେଲିକପ୍ଟର। ଆଇଟିଆଇ ଡିଗ୍ରିଧାରୀ ଚେତରାମ ପଢିବା ସମୟରୁ ହିଁ ହେଲିକପ୍ଟର ତିଆରି କରିବାର ସ୍ୱପ୍ନ ଦେଖିଥିଲେ। ସେଥିପାଇଁ ସେ ବିଭିନ୍ନ ଲୁଜ୍ ପାର୍ଟସ ଓ ଅଦରକାରୀ ଜିନିଷ ସଂଗ୍ରହ କରିବା ଆରମ୍ଭ କରିଥିଲେ। ସେହି ସାମଗ୍ରୀସବୁରେ ସେ ବହୁ ପରିଶ୍ରମ କରି ଏକବର୍ଷ ଭିତରେ ହେଲିକପ୍ଟରଟିଏ ତିଆରି କଲେ। ଚେତରାମ କହନ୍ତି, ତାଙ୍କୁ ଯଦି ଏହାକୁ ଉଡାଇବାର ଅନୁମତି ମିଳନ୍ତା ତେବେ ସେ ଉକ୍ତ ହେଲିକପ୍ଟରକୁ ୨୦ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ଉଡାଇ ଦେଖାଇପାରନ୍ତେ। ହେଲିକପ୍ଟର ତିଆରି କରିବା ପାଇଁ ତାଙ୍କୁ ଦିନରେ ୧୨ରୁ ୧୫ ଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା। ଆର୍ଥିକ ଅଭାବ ସତ୍ତ୍ୱେ ପୁଅର ସ୍ୱପ୍ନ ଓ ପ୍ରଚେଷ୍ଟା ଦେଖି ବାପା ବିଭିନ୍ନ ଆଡୁ ଟଙ୍କା ଯୋଗାଡ଼ କରିଥିଲେ। ହେଲିକପ୍ଟରଟି ସମ୍ପୂର୍ଣ୍ଣ ହେବା ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ପ୍ରଥମେ ଏଥିରେ ସେ ମୋଟର ସାଇକେଲର ସିଙ୍ଗଲ ପେଟ୍ରୋଲ ଇଞ୍ଜିନ ଲଗାଇଥିଲେ। ହେଲେ ହେଲିକପ୍ଟର ଉଡି ନ ଥିଲା। ତେଣୁ ଡିଜେଲ ଇଞ୍ଜିନ ଲଗାଇଲେ। ହେଲେ କମ୍ପନ ପାଇଁ ଅସଫଳ ହେଲା। ପରେ ହୋଣ୍ଡା ସିବିଜେଡ୍ ବାଇକ୍‌ର ଦୁଇ ଇଞ୍ଜିନ ଲଗାଇବାରୁ ହେଲିକପ୍ଟର ଉଡିପାରିଲା। ଚେତରାମ ଦାବି କରନ୍ତି ଯେ, ଉକ୍ତ ହେଲିକପ୍ଟର ୨୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଉଡିପାରେ।



